

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 June 2024

Vol.No. 35 ■ No.165 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା

# ସ୍ୱତନ୍ତ୍ର ଟିମ ଗଠନ କରାଯିବ, ଦୋଷୀଙ୍କୁ ଛଡ଼ାଯିବ ନାହିଁ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୨୦/୬ : ନିଟ ପରୀକ୍ଷାରେ ଅନିୟମିତତା ଓ ୟୁଜିସି-ନେଟ ପରୀକ୍ଷା ବାତିଲକୁ ନେଇ ବିବାଦ ତେଜୁ ଥିବା ବେଳେ ଏଥିରେ ତାଳି ପକାଇବାକୁ ଚେଷ୍ଟା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଘଟଣା ପରେ ସେ ଉଚ୍ଚସ୍ତରୀୟ କମିଟି ଗଠନ ହେବ ବୋଲି କହିଛନ୍ତି। ଏଥିସହ ଶିକ୍ଷାର୍ଥୀଙ୍କ ସ୍ୱାର୍ଥ ସବୁବେଳେ ସରକାରଙ୍କ ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ ସୂଚିତ କରିଛନ୍ତି। ୩୦ ଲକ୍ଷରୁ ଅଧିକ ପିଲା ଏହି ଦୁଇଟି ଯାକ ପରୀକ୍ଷା ଦେଇଛନ୍ତି। ଉଭୟ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) ପକ୍ଷରୁ କରାଯାଇଥିଲା। ତେବେ ଉଭୟ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ଆଜି ଦେଶର ବିଭିନ୍ନ ପ୍ରାନ୍ତରେ ଛାତ୍ର ଆନ୍ଦୋଳନ ଦେଖିବାକୁ ମିଳିଛି। ଦିଲ୍ଲୀସ୍ଥିତ ଶ୍ରୀ ପ୍ରଧାନଙ୍କ ବାସଭବନ ଆଗରେ ମଧ୍ୟ ବିକ୍ଷୋଭ ଦେଖିବାକୁ ମିଳିଥିଲା। ବିକ୍ଷୋଭ ଓ ଅସନ୍ତୋଷ ବଢ଼ିବା ପରେ



ଶ୍ରୀ ପ୍ରଧାନ ସାମ୍ବାଦିକ ସମ୍ମିଳନୀ କରି ପୂରା ଘଟଣା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, "ମୁଁ ସମସ୍ତ ସମସ୍ତଙ୍କୁ ନିଶ୍ଚିତ କରିବାକୁ ଚାହେଁ ଯେ ସରକାର ଶିକ୍ଷାର୍ଥୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିରେ କିମ୍ବା ସ୍ୱଚ୍ଛତାରେ ଆମେ କେବେ ହେଲେ ବୁଝାମଣା କରିବୁ ନାହିଁ। ନିଟ୍ ପରୀକ୍ଷା କଥା ବିଚାରକୁ ନେଲେ, ଆମେ ବିହାର ସରକାରଙ୍କ ସହ ନିୟମିତ ଯୋଗାଯୋଗରେ ରହିଛୁ। ପାଟନା ପୁଲିସ୍ ଖୁବଶୀଘ୍ର ବିସ୍ତୃତ ରିପୋର୍ଟ ପଠାଇବ। ପ୍ରାଥମିକ ସୂଚନା ଅନୁସାରେ ତ୍ରୁଟି କେବଳ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିଛି।"

ବିହାରରେ ନିଟ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ଶ୍ରୀ ପ୍ରଧାନ ସେଠାକାର କଥା କହିଛନ୍ତି। ସେ ଆହୁରି କହିଛନ୍ତି, "ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେବାକୁ ଚାହେଁ ଯେ ଥରେ ଆମ ପାଖକୁ ବଳିଷ୍ଠ ପ୍ରମାଣ ଆସି ଯାଉ, ଆମେ ଦୋଷୀଙ୍କୁ ଆଦୌ ଛାଡ଼ିବୁ ନାହିଁ। ଏନଟିଏ ହେଉ କିମ୍ବା ଏନଟିଏର ବରିଷ୍ଠ ଅଧିକାରୀ ହୁଅନ୍ତୁ, କାହାକୁ ବି ଛଡ଼ା ଯିବନି। ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଆମର ପ୍ରାଥମିକତା। ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ଯାଉଛନ୍ତି। ଏହି କମିଟି ଏନଏଟିଏ ଷ୍ଟ୍ରକଚର କେମିତି ବୃଦ୍ଧି କରାଯିବ, ଏହାର କାର୍ଯ୍ୟକାରିତା, ପରୀକ୍ଷା ପ୍ରକ୍ରିୟା, ସ୍ୱଚ୍ଛତା, ତଥ୍ୟ ଓ ସୁରକ୍ଷା ପ୍ରୋଟକଲ ଆଦିର ପ୍ରସ୍ତାବ ଦେବ। ଆମେ ସବୁବେଳେ ଶୂନ୍ୟ ତ୍ରୁଟି ଯୁକ୍ତ ପରୀକ୍ଷା ଚାହୁଁ। କମିଟିରେ ଟେକ୍ନୋକାର୍ଟ, ବୈଜ୍ଞାନିକ, ଶିକ୍ଷା ପ୍ରଶାସକ, ଶିକ୍ଷାବିତ ପ୍ରମୁଖ ରହିବେ।"

# କେବେ ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର ?

ପୁରୀ, ୨୦/୬ (ନି.ପ୍ର): କେବେ ଖୋଲିବ ମହାପ୍ରଭୁଙ୍କ ରତ୍ନଭଣ୍ଡାର ରଥଯାତ୍ରା ଭିତରେ ନା ରଥଯାତ୍ରା ସରିବା ପରେ ତାକୁ ନେଇ ଚର୍ଚ୍ଚା ଯେତିକି ଦ୍ୱନ୍ଦ୍ୱ ସେତିକି। ଗୋଟିଏ ପଟେ ରତ୍ନଭଣ୍ଡାର ଭିତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ବାରମ୍ବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା କହି ଆସୁଥିବା ବେଳେ ଏହାର ସଂରକ୍ଷଣକୁ ମଧ୍ୟ ଗୁରୁତ୍ୱ ଦେଉଛି। ତେବେ ଯଦି ରତ୍ନଭଣ୍ଡାର ଖୋଲାଯାଏ ତା'ହେଲେ ଖାଲି ମରାମତି ହେବ ନା ଦୁର୍ମୂଲ୍ୟ ଅଳଙ୍କାର ସବୁର ଗଣତି ଓ ମଣତି ହେବ। ସେ ନେଇ କିଛି ସ୍ପଷ୍ଟତା ଆସୁନଥିବାରୁ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଉଛି। ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ଛତିଶା ନିଯୋଗର ମଧ୍ୟ ପରାମର୍ଶ ନିଆଯିବା ଜରୁରୀ। ହେଲେ ଅଦ୍ୟାବଧି ଛତିଶା ନିଯୋଗରେ ଏ ପ୍ରସଙ୍ଗରେ ପଦୁଟିଏ ଆଲୋଚନା ହୋଇନାହିଁ ବୋଲି ସଫା ସଫା କହିଛନ୍ତି ଛାମୁ ଖୁଣ୍ଟିଆ ନିଯୋଗ ସଭାପତି। ତା'ସହ ସେ କହିଛନ୍ତି, ଛତିଶା ନିଯୋଗରେ ଆଲୋଚନା ପରେ ଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ତା'ପରେ ଭଣ୍ଡାର ଘର



ଖୋଲିବା ପ୍ରକ୍ରିୟା ଆରମ୍ଭ ହେବ। ଏପଟେ ରତ୍ନଭଣ୍ଡାର ମରାମତି ପୂର୍ବରୁ ତା' ଭିତରେ ଥିବା ଅଳଙ୍କାର ଭର୍ତ୍ତି ସିନ୍ଦୁକ ସବୁକୁ ଆଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଯିବା ଦରକାର ବୋଲି କହିଛନ୍ତି ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସମହାପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି, ବିନା ଅଳଙ୍କାର ଗଣତିରେ ସିନ୍ଦୁକ ସ୍ଥାନାନ୍ତର ଅସମ୍ଭବ। ଏଥିଲାଗି ରାଜ୍ୟ ସରକାରଙ୍କ ଅନୁମତି ଜରୁରୀ। ସେପଟେ ରତ୍ନଭଣ୍ଡାର ଖୋଲିବା ନେଇ ବୁଧବାର ଏଏସଆଇ ସୁପରିଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟଙ୍କ ପକ୍ଷରୁ ଗଣମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପରେ ତାକୁ ବିଭ୍ରାନ୍ତିକର ବୋଲି ଆଇନମନ୍ତ୍ରୀ ଦର୍ଶାଇବା ନେଇ ତେଜିଛି ରାଜନୀତି। ଉଭୟ ବିଜେଡି ଓ କଂଗ୍ରେସ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନିଶାନା କରିଛନ୍ତି। ଆଇନମନ୍ତ୍ରୀ କହିଥିଲେ, ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ନେଇ ରାଜ୍ୟ ସରକାର ପ୍ରକ୍ରିୟା ଚଳାଇଛନ୍ତି। ସରକାରଙ୍କ ନିଷ୍ପତ୍ତି ପରେ ଯାଇ ଏ ସମ୍ପର୍କରେ ସ୍ପଷ୍ଟତା ଆସିବ। ୧୯୭୮ ମସିହା ପରଠୁ ଆଉ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଇନି। ଯାହାକୁ ନେଇ ଢେର ତର୍ଫି ତୋଫାନ୍ ଚାଲିଛି। ଏମିତିକି ବିଜେଡି ସରକାର ଅମଳରେ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ନେତୃତ୍ୱରେ ଏକ ୧୨ ଜଣିଆ

# ଭର୍ତ୍ତୃହରି ମହତାବ ଲୋକସଭାର କାମଚଳା ବାଚସ୍ପତି ନିଯୁକ୍ତ



ନୂଆଦିଲ୍ଲୀ, ୨୦/୬ : ଭର୍ତ୍ତୃହରି ମହତାବ ଲୋକସଭାର କାମଚଳା ବାଚସ୍ପତି ନିଯୁକ୍ତ ହୋଇଛନ୍ତି। ତାଙ୍କୁ କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଲୋକସଭାକୁ ଲଗାତାର ୭ ଥର ନିର୍ବାଚିତ ହୋଇଛନ୍ତି ଭର୍ତ୍ତୃହରି। ସେ ୬ ଥର ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ଏଥର ▶▶ପୃଷ୍ଠା ୭

# ଏମଏସପି ଦ୍ୱନ୍ଦ୍ୱ ଭିତରେ ଯୋଗାଣ ମନ୍ତ୍ରୀଙ୍କ ବଡ଼ ବୟାନ: କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ କିଣାଯିବ ଖରିଫ୍ ଧାନ

ଭୁବନେଶ୍ୱର, ୨୦/୬ (ନି.ପ୍ର): ଚାଷୀଙ୍କ ଠାରୁ ଧାନ ୩୧ଶହ ଟଙ୍କାରେ କିଣାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ପାତ୍ର । ବିଭାଗୀୟ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ । ଇସ୍ତାହାରରେ କହିଥିଲୁ ଏଇ ଖରିଫ ଋତୁରୁ ଚାଷୀଙ୍କୁ ୩୧ଶହ ଟଙ୍କା ମିଳିବ ବୋଲି କହିଛନ୍ତି କୃଷ୍ଣ ପାତ୍ର । ଗତକାଲି କେନ୍ଦ୍ର ଏମ୍ଏସ୍ପି ୨୩ଶହ ଟଙ୍କା କରିବା ପରେ ସୁବିଧା ହୋଇଛି । ଏବଂ ୯୨୭ ଟଙ୍କା ଦେବାକୁ ପଡ଼ିଥାନ୍ତା ଏବେ କିନ୍ତୁ ୮ଶହ ଟଙ୍କା ଦେବାକୁ ପଡ଼ିବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ।



କ୍ୱିଂଟାଲ ପିଛା ୩୧ଶହ ଟଙ୍କାରେ ଧାନ କିଣାଯିବ ସେଥିପାଇଁ କମିଟି ଗଠନ ହୋଇଛି । ଚାଷୀଙ୍କ ଧାନ କିଣିଲା ବେଳେ କଟଣୀ ଛଟଣୀ କରିପାରିବେ ନାହିଁ । ଏପରି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ତାଗିଦ କରିଛନ୍ତି ଯୋଗାଣ ମନ୍ତ୍ରୀ। ୪୮ଘଂଟାରେ ଚାଷୀଙ୍କ ଆକାଉଂଟକୁ ଟଙ୍କା ଯିବ ।

# ବଜ୍ରାଘାତରେ ୩ ନାବାଳକ ଓ ଜଣେ ନାବାଳିକା ମୃତ

ଭୁବନେଶ୍ୱର, ୨୦/୬ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବଜ୍ରାଘାତରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ଥିବା ବେଳେ ଜଣେ ନାବାଳିକା ଅଛନ୍ତି।ନବରଙ୍ଗପୁର, ବଲାଙ୍ଗିର, ବୌଦ୍ଧ, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲ୍ଲାରେ ଘଟିଛି ଏହି ଘଟଣା। ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଚନ୍ଦାହାଣ୍ଡିରେ ବଜ୍ରାଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ସରମୁହାଣ ଗାଁରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ପୋଲସରା ବାଲିସାହି ଫାଣ୍ଡି ଡୁଙ୍ଗୁରି ଗାଁରେ ଜଣେ ବ୍ୟକ୍ତିଙ୍କର ବଜ୍ରାଘାତରେ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ବୀରମିତ୍ରପୁର କବିରାଜଡିପା ବସ୍ତିରେ ବଜ୍ରାଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ସାଗର କଚ୍ଛପ। ତାଙ୍କୁ ୧୫ ବର୍ଷ ହୋଇଥିଲା। ସେ ବୀରମିତ୍ରପୁରର ମହୁଆଟୋଲିର୍ ବାସିନ୍ଦା ଥିଲେ। ସେ ଦଶମ ଶ୍ରେଣୀରେ ପଢୁଥିଲେ। କବିରାଜଡିପା ବସ୍ତିରେ ଥିବା ପଡ଼ିଆରେ ସେ କିଛି ପିଲାଙ୍କ ସହିତ ଫୁଟବଲ ଖେଳୁଥିବା ବେଳେ ବିଜୁଳି, ଘଡ଼ଘଡ଼ି ମାରିବା ସହିତ ବର୍ଷା ହୋଇଥିଲା। ସେମାନେ ଖେଳୁଥିବା ବେଳେ ବିଜୁଳି ମାରିବାରୁ ସାଗର କଚ୍ଛପ ଅଚେତ ହୋଇଯାଇଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେହିପରି ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ତାଳପଡ଼ା ଗାଁରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ରାହୁଲ କୁମ୍ଭାର। ତାଙ୍କୁ ୧୩ ବର୍ଷ ହୋଇଥିଲା। ସେ ଘର ସାମ୍ନାରେ ଖେଳୁଥିବା ବେଳେ ବିଜୁଳି ମାରିଥିଲା।

# ବିଶ୍ୱର ସର୍ବୋଚ୍ଚ ରେଳ ବ୍ରିଜ୍ ଉପରେ ଟ୍ରେନର ଟ୍ରାଏଲ୍ ରନ୍

ନୂଆଦିଲ୍ଲୀ, ୨୦/୬ : ବିଶ୍ୱର ସର୍ବୋଚ୍ଚ ରେଳ ବ୍ରିଜ୍ ଉପରେ ଟ୍ରେନର ଟ୍ରାଏଲ୍ ରନ୍। ଜମ୍ମୁ କାଶ୍ମୀରରେ ନବନିର୍ମିତ ଚେନାବ ରେଲୱେ ବ୍ରିଜ୍ ଉପରେ ଆଜି ପରୀକ୍ଷାମୂଳକ ଭାବରେ ଟ୍ରେନ୍ ଚଳାଚଳ କରିଛି। ଇଞ୍ଜିନ ଓ ବଗି ସହ ରେଲୱେ ପକ୍ଷରୁ ନିର୍ମିତ ଏହି ବ୍ରିଜ ଦେଇ ଗଡ଼ିଛି ଟ୍ରେନ୍। ଖୁବଶୀଘ୍ର ନିୟମିତ ଭାବରେ ଟ୍ରେନ୍ ଚଳାଚଳ କରିବ। ପୂର୍ବରୁ ପରୀକ୍ଷାମୂଳକ ଭାବେ ଚେନାବ ବ୍ରିଜ୍ ଉପରେ ଭାରତୀୟ ରେଲୱେ



ପକ୍ଷରୁ ଇନ୍ସପେକ୍ସନ କାର୍ ଛଡ଼ାଯାଇଥିଲା। ସଫଳତାର ସହ ଏହା ଜାମ୍ମୁ କାଶ୍ମୀରର ସଙ୍ଗଲଦାନରୁ ରିଆସି ଯାଏଁ ଚଳାଚଳ କରିଥିଲା। କେବଳ ଟନେଲ୍-୧ର ଅଳ୍ପ କିଛି କାମକୁ ବାଦ୍ ଦେଲେ ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଲ୍ ଲିଙ୍କର ବଳକା ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚେନାବ ରେଲ ବ୍ରିଜ୍ ନିର୍ମାଣରେ ମୋଟ ୩୦,୦୦୦ ମେଟ୍ରିକ୍ ଟନ୍ ଷ୍ଟିଲ୍ ବ୍ୟବହୃତ ହୋଇଛି। ୧୪୮୬ କୋଟି ଟଙ୍କା ମୂଲ୍ୟରେ ଏହି ପୋଲକୁ ନିର୍ମାଣ କରାଯାଇଛି। ଏହା ଘଣ୍ଟା ପ୍ରତି ୨୬୦ କିଲୋମିଟର ପର୍ଯ୍ୟନ୍ତ ପବନର ବେଗକୁ ସହ୍ୟ କରିପାରିବ। ଟ୍ରେନ୍ ୭ଟି ଷ୍ଟେସନ ଦେଇ ବାରାମୁଲାରେ ପହଞ୍ଚିବ। ଉପତ୍ୟକାର ଲୋକଙ୍କୁ ସହଜ ଯାତାୟତ ସୁବିଧା ଯୋଗାଇବା ଏହାର ଉଦ୍ଦେଶ୍ୟ ରହିଛି।

# ଯୁଦ୍ଧ ରୋକି ପାରୁଛନ୍ତି, କିନ୍ତୁ ପ୍ରଶ୍ନପତ୍ର ଲିକ୍‌କୁ ରୋକି ପାରୁନାହାନ୍ତି ପ୍ରଧାନମନ୍ତ୍ରୀ: ରାହୁଲ ଗାନ୍ଧି

ନୂଆଦିଲ୍ଲୀ, ୨୦/୬ : ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ଲିକକୁ ରୋକିବାରେ ବିଫଳ ହୋଇଛନ୍ତି। ସେ ଲିକ ରୋକିବାକୁ ମଧ୍ୟ ଚାହୁଁ ନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ-ରୁଷ ଯୁଦ୍ଧକୁ ରୋକି ଦେଇଥିଲେ। କିନ୍ତୁ ପେପର ଲିକ୍‌କୁ ରୋକି ପାରୁ ନଥିବା ରାହୁଲ କଟାକ୍ଷ



କରି କହିଛନ୍ତି। ନିଟ ପରୀକ୍ଷାର ପ୍ରଶ୍ନପତ୍ର ଲିକ ଅଭିଯୋଗ ଘଟଣା ପୂରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ବିବାଦ ଘନଉଥିବା ବେଳେ ଆଜି କଂଗ୍ରେସ ନେତା ରାହୁଲ ଗାନ୍ଧି ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ

# ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ, ୨୦/୬ : ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। ଆଜି ତାଙ୍କୁ ଦିଲ୍ଲୀର ଗୋଟିଏ କୋର୍ଟ ମନିଲଣ୍ଡରିଂ ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଗିରଫ ହୋଇଥିବା କେଜ୍ରିୱାଲଙ୍କୁ ମେ' ୩୦ରେ ସୁପ୍ରିମକୋର୍ଟ ୨୧ ଦିନ ପାଇଁ ଜାମିନ ଦେଇଥିଲେ। ଜୁନ ୨ରେ ସେ ଲୋକସଭା ନିର୍ବାଚନ ସାରି ପୁଣି ତିହାର ଜେଲକୁ ଫେରିଥିଲେ। ହେଲେ ଆଜି ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଏନ ବିନ୍ଦୁ ଆଜି କେଜ୍ରିୱାଲଙ୍କ ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଏହାପରେ ତାଙ୍କୁ ଜାମିନ ମିଳିଛି। ୧ ଲକ୍ଷ ଟଙ୍କାର ବଣ୍ଡ ଦାଖଲ କରିବା ପରେ କେଜ୍ରିୱାଲ ଶୁକ୍ରବାର ଜେଲରୁ ମୁକୁଳିବେ। କୋର୍ଟ



ସନ୍ଧ୍ୟା ୮ଟାରେ ଜାମିନ ନିର୍ଦ୍ଦେଶ ଦେଇଥିବାରୁ ଏହାର କାଗଜ ଆସନ୍ତାକାଲି ତିହାର ଜେଲ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବ। ଏହାପରେ ଯାଇ କେଜ୍ରିୱାଲ ଜେଲରୁ ବାହାରିବେ। ଜାମିନ ବିରୋଧରେ ଇଡି ଜୋରଦାର ଯୁକ୍ତି ଉପସ୍ଥାପନ କରିଥିଲା। ଜାମିନ ନିର୍ଦ୍ଦେଶ ଉପରେ ୪୮ ଘଣ୍ଟାର ରୋକ ଲଗାଇବାକୁ ମଧ୍ୟ ତଦନ୍ତକାରୀ ସଂସ୍ଥା କହିଥିଲା। ହେଲେ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଆଜିର ଶୁଣାଣି ବେଳେ କେଜ୍ରିୱାଲଙ୍କ ଓକିଲ କହିଥିଲେ ଯେ "ମାମଲା କେବଳ ଘଟଣାର ଅଭିଯୁକ୍ତରୁ ରାଜସାକ୍ଷୀ ବନିଥିବା ଲୋକଙ୍କ ବୟାନ ଉପରେ ଆଧାରିତ। ସେମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି। ସେମାନେ ଏଠାରେ ସନ୍ଥ ନୁହନ୍ତି। ସେମାନେ କେବଳ ଭ୍ରଷ୍ଟ ନୁହନ୍ତି, ବରଂ ସେମାନଙ୍କ ମଧ୍ୟରୁ ଅନେକ ଗିରଫ ହୋଇ ଜାମିନ ପାଇଛନ୍ତି। ସେମାନଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ଜାମିନ ଦିଆଯାଇଛି। ସେମାନେ ରାଜସାକ୍ଷୀ ବନିଛନ୍ତି। ଏଠାରେ ଆଉ କିଛି ଲୋକ ଅଛନ୍ତି, ଯେଉଁମାନେ ▶▶ପୃଷ୍ଠା ୭

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

ଗଜପତି, ୨୦/୬ (ନି.ପ୍ର): ଗଜପତି ଜିଲ୍ଲା ଅଡ଼ବା ଥାନା ଆରୁମପେଟା ଜଙ୍ଗଲରୁ ୯ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି ପୁଲିସ। ଯାହାର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କା ହେବ। ମାଫିଆମାନେ ଚାଲାଣ କରିବା ପାଇଁ ଜଙ୍ଗଲ ଭିତରେ ଗଚ୍ଛିତ କରି ରଖିଥିଲେ ଗଞ୍ଜେଇ। ସୁବିଧା ସୁଯୋଗ ଦେଖି ସେହି ସବୁ ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତେ। ହେଲେ ତା ପୂର୍ବରୁ ମାଫିଆଙ୍କ ସବୁ ଯୋଜନାକୁ ପଣ୍ଡ କରିଛି ପୁଲିସ। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଜଙ୍ଗଲରେ ଚଢାଉ କରିଥିଲା। ଚଢାଉ ବେଳେ ୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି ପୁଲିସ। ଜବତ ବେଳେ ଘଟଣା ସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଥିଲେ। ପୁଲିସ ଏନେଇ କିଛି ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି।

# ପୁରୀ ରଥଯାତ୍ରା ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୦/୬ (ନି.ପ୍ର): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ନେଇ ବୁଧବାର ଅପରାହ୍ଣରେ ଲୋକସମ୍ପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଗତ ବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ କରାଯିବାକୁ ଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସଂଖ୍ୟା ବଢାଇବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି । ସହରର ପ୍ରମୁଖ ସ୍ଥାନ ଯଥା, ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତିପାଟପୁର, ସୁଭାଷ ବୋଷ ଛକ, ପାନ୍ଥଭବନ, ତାଳବଣିଆ, ସମଙ୍ଗ ପାର୍କିଂ ସ୍ଥଳ, ଶ୍ରୀଦାଣ୍ଡ ଏବଂ ରେଳଷ୍ଟେସନଠାରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ କମନ ଫିଡ୍, ରଥଯାତ୍ରା ଦିନ ସିଂହଦ୍ୱାରଠାରେ ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ପୁରୀର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅସ୍ଥାୟୀ ସୂଚନା କେନ୍ଦ୍ରଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଂଚରେ ଭଜନ ପରିବେଷଣ କରାଯିବ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ପ୍ରକାଶନ କରାଯାଇ ବିକ୍ରୟ କରାଯିବ । ଟେଲିଭିଜନ ଓ ଫଟୋ କଭରେଜ, ରେଡ଼ିଓ ଜିଙ୍ଗଲ ଏବଂ ବିଜ୍ଞାପନ ପ୍ରସାରଣ ବ୍ୟବସ୍ଥା ସହ କଟକରୁ ପୁରୀ ଜାତୀୟ ରାଜପଥରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ହୋର୍ଡିଂ ମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯିବ। ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ଅବସରରେ ପୁରୀ ପଲ୍ଲିଶ୍ରୀ ମେଳାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଏବଂ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଧାରିତ ଯେଉଁ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥାଏ ତାହାକୁ ଆହୁରି ଆକର୍ଷଣୀୟ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ। ଓଡ଼ିଶାର ୩୦ଟି ଜିଲ୍ଲାରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନଗୁଡ଼ିକରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଶୃଙ୍ଖଳିତ ଢଙ୍ଗରେ କାର୍ଯ୍ୟ ସମ୍ପାଦନ ସହ ଏହାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି, ଗୁରବୀର ସିଂହ, ବିଶ୍ୱଜିତ ଦାଶ, କ୍ଷେତ୍ର ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୁରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏସ୍‌ସିଏସ୍‌ଟିଆରଟିଆଇରେ ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୦/୬ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆରମ୍ଭ ହେଲା ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ। ବିଶ୍ୱ ରକ୍ତଶିକୁଳି ଦିବସ ଅବସରରେ ଆଜିଠାରୁ ଦୁଇ ସପ୍ତାହ ବ୍ୟାପି ଅର୍ଥାତ ଜୁଲାଇ ୩ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏନେଇ ଆଜି ପ୍ରତିଷ୍ଠାନରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜକ ତଥା ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଶିକୁଳି ରୋଗର କାରଣ, ରକ୍ତହୀନତାର ନିରାକରଣ ତଥା ରୋଗ ସମ୍ପର୍କିତ ସର୍ବସାଧାରଣରେ ସଚେତନତା ସୃଷ୍ଟି କରିବା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସ୍ୱତନ୍ତ୍ର ଅଧିକାରୀ ସମରେନ୍ଦ୍ର ଭୂତିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଡ଼ ସଂଘମିତ୍ରା ସେଠୀ, ଶ୍ରୀଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କର୍ମଶାଳାରେ ଜନଜାତି ବିଭାଗର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଅନୁଷ୍ଠାନର କର୍ମଚାରୀ ଏବଂ ରାଜ୍ୟ ଜନଜାତି ସଂଗ୍ରହାଳୟର ପରିଦର୍ଶକମାନେ ଅଂଶଗ୍ରହଣ କରିଥିଲେ।

# ଗରିବ ଲୋକଙ୍କ ସମସ୍ୟାର ସମାଧାନ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରଧାନ ଆଭିମୁଖ୍ୟ : ମନ୍ତ୍ରୀ

ଭୁବନେଶ୍ୱର, ୨୦/୬ (ନି.ପ୍ର): ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ମୁଖ୍ୟତଃ ଗରିବ ଜନସାଧାରଣଙ୍କ କଲ୍ୟାଣ ପାଇଁ ନୂତନ ସରକାର ସଂକଳ୍ପବଦ୍ଧ । ଗରିବ ଲୋକମାନଙ୍କର ସମସ୍ୟା ଦୂରକରି ସେମାନଙ୍କ ମୁହଁରେ ହସ ଫୁଟାଇବା ପଂଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରଧାନ ଆଭିମୁଖ୍ୟ ହେବା ଉଚିତ । ବିତ ଆବଂଟନ ଓ ଦାରିଦ୍ର୍ୟ ଦୂରୀକରଣ ଦୃଷ୍ଟିକୋଣରୁ ଏହି ବିଭାଗ ସରକାରଙ୍କ ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗ । ନୂତନ ସରକାରଙ୍କ ସଂକଳ୍ପ ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ମୁଖ୍ୟତଃ କ୍ଷେତ୍ର ଅଧିକାରୀମାନେ ସରକାରଙ୍କ ନ୍ୟସ୍ତ ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିବାକୁ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପରାମର୍ଶ ଦେଇଛନ୍ତି।

ଲୋକସେବା ଭବନସ୍ଥିତ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ ଦାଦନ ସମସ୍ୟା ରାଜ୍ୟର ଏକ ପ୍ରମୁଖ ସମସ୍ୟା। ଏହି ସମସ୍ୟାକୁ ନୂତନ ସରକାର ବହୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଦାଦନପ୍ରବଣ ଅଂଚଳଗୁଡ଼ିକରେ ନିଷ୍ଠାର ସହ ପହଂଚାଇବା ପାଇଁ ମନ୍ତ୍ରୀ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

ନବନିଯୁକ୍ତ ମନ୍ତ୍ରୀ ଶ୍ରୀ ନାୟକ ଖଣ୍ଡପଡ଼ା ଗସ୍ତରେ ଯାଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ପାନୀୟ ଜଳ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ। ସେ ଅଂଚଳକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ନାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜ୍ୟର କିଛି ଅଂଚଳରେ ଲୋକମାନେ ପାନୀୟ ଜଳର ଅପବ୍ୟବହାର କରୁଛନ୍ତି । ତା'ଫଳରେ ଅନେକ ଲୋକ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି। ତେଣୁ ପାନୀୟ ଜଳ ଅପବ୍ୟବହାର ରୋକିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ବୁଧବାର ପୂର୍ବାହ୍ଣରେ ମନ୍ତ୍ରୀ ଶ୍ରୀ ନାୟକ ବିଭାଗରେ ପହଞ୍ଚିବା ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭାଗ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ, ନିଯୁକ୍ତି ସୃଷ୍ଟି, ମୌଳିକ ସେବା, ଭିତିଭୂମି ବିକାଶ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକମାନେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), କେନ୍ଦ୍ର ତଥା ରାଜ୍ୟର ଅନୁଦାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ, ଓରମାସ୍ ଆନୁକୂଲ୍ୟରେ ବିଭିନ୍ନ ବିପଣନ କାର୍ଯ୍ୟକ୍ରମ ଯଥା ଶକ୍ତି ଗାଁ ପ୍ରକଳ୍ପ, ପ୍ରଦର୍ଶନୀ ଆୟୋଜନ, ଗ୍ରାମୀଣ ଉତ୍ପାଦ ବିକ୍ରି, ଡିଡିୟୁ-ଜିକେୱାଇ ସମ୍ବନ୍ଧରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।

ସରକାରଙ୍କ ଶତାଧିକ ଯୋଜନା କାର୍ଯ୍ୟକାରୀ ହେଉଛି କିନ୍ତୁ କ୍ଷେତ୍ର ସ୍ତରରେ ଆଶା ଅନୁଯାୟୀ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହୁ ନଥିବାରୁ ଯୋଜନା ସଫଳ ହୋଇପାରୁ ନାହିଁ। ସେଥି ପ୍ରତି ଯନିବାନ ହେବା ପାଇଁ ମନ୍ତ୍ରୀ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଓରମାସ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ଏସ୍ଆଇଆରଡି ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଓ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା: ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବଢାଇବାକୁ ଅଧିକ ଗୁରୁତ୍ୱ

ଭୁବନେଶ୍ୱର, ୨୦/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଗ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ଉଚ୍ଚଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ବୁଧବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ରମାକାନ୍ତ ନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, କଲେଜ, ୟୁନିଭରସିଟି ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ । ଉଚ୍ଚଶିକ୍ଷାରେ ନୂତନ ଶିକ୍ଷା ନୀତିକୁ ଆପଣେଇ ଏହାର ଗୁଣାତ୍ମକମାନ ବୃଦ୍ଧି ସହ ମେଧାବୀ ଓ ଗରିବ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ବୃତି ରାଶି ବୃଦ୍ଧି, ବୈଷୟିକ ଜ୍ଞାନକୌଶଳ ଜରିଆରେ ଶୈକ୍ଷିକ ବ୍ୟବସ୍ଥାର ପରିଚାଳନା ଓ ପ୍ରୋତ୍ସାହନ ଯୋଗାଇଦେବାକୁ ଓଡ଼ିଶା ସରକାର ସଙ୍କଳ୍ପବଦ୍ଧ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ରାଜ୍ୟର ବିଭିନ୍ନ ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ ତଥା ବ୍ଲକଗ୍ରାଂଟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଗୁଡିକର କାର୍ଯ୍ୟାବଳୀ ଓ ସମସ୍ୟା ବିଷୟରେ ଅବଗତ ହୋଇଥିଲେ ଏବଂ ଏହାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଆସନ୍ତା ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଜ୍ୟର ବିଭିନ୍ନ କଲେଜରେ ଯୋଗ ଶିବିରର ଆୟୋଜନ କରାଯାଉଛି । ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ଶହେ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟରେ ରୂପାନ୍ତର କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟରେ ଥିବା ସମସ୍ତ କଲେଜଗୁଡିକରେ ମୌଳିକ ଭିତ୍ତିଭୂମିର ଅଭାବ ରହିବ ନାହିଁ ଓ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଣିତ ସମସ୍ତ ଯୋଜନାର ସୁଫଳ ଛାତ୍ରଛାତ୍ରୀ ବିଶେଷ କରି ଗରିବ ମେଧାବୀ ଛାତ୍ରଛାତ୍ରୀ କିପରି ଏହାର ସୁଫଳ ପାଇପାରିବେ ସେଥିପାଇଁ ଯନିବାନ ହେବାକୁ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ କହିଥିଲେ । ବୈଠକରେ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେକରେ ଗାମୁଛା ଦେଇ ଯୁବକର ଆତ୍ମହତ୍ୟା

ଜୟପୁର, ୨୦/୬ (ନି.ପ୍ର): ଜୟପୁର ସହର ସୌରାଗୁଡା କେନାଲ ନିକଟରେ ଜଣେ ଯୁବକ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକ ଜଣକ ହେଲେ ସୌରାଗୁଡାର ନିଳେନ୍ଦ୍ର ଗାଦବା (୩୨)। ପୋଲିସ ସୁଚନା ଅନୁଯାଇ ଜୟପୁର ସହର ସୌରାଗୁଡା କେନାଲ ନିକଟରେ ଜଣେ ଯୁବକ ନିଳେନ୍ଦ୍ର ଗାଦବା (୩୨) ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରି ଥିବା ପୋଲିସ ସୁଚନା ପାଇ ଶବକୁ ଜବତ କରିଛି । ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଶବ ବ୍ୟବଛେଦ କରିଛି । ଏନେଇ ଜୟପୁର ଟାଉନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

# ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ: ଅବଶିଷ୍ଟ ୩୫୪ ଏକର ଜମି ଅଧିଗ୍ରହଣ କେବେ ?

ରାଉରକେଲା, ୨୦/୬ (ନି.ପ୍ର): ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ ହେଉଛି ଜିଲ୍ଲାବାସୀଙ୍କ ୬ ଦଶନ୍ଧି ପୁରୁଣା ଦାବି। ତେବେ ଏହି ବହୁ ପ୍ରତିକ୍ଷୀତ ଦାବି ପୂରଣହେବାର ନାଁ ନେଉନି। ବାସ୍ତବରେ ପ୍ରକଳ୍ପର ନୈରାଶ୍ୟଜନକ ଅଗ୍ରଗତି ପାଇଁ ଜମି ଅଧିଗ୍ରହଣରେ ଶିଥିଳତା ହିଁ ମୁଖ୍ୟ କାରଣ। ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ବ୍ୟାପକ ମାତ୍ରାରେ ଜମି ଅଧିଗ୍ରହଣ କରାଯିବାକଥା, ତାହା ଦେଖିବାକୁ ମିଳୁନି। ଏଯାଏ ପ୍ରକଳ୍ପ ପାଇଁ ଆବଶ୍ୟକ ୧୬.୮୫% ଜମି ଅଧିଗ୍ରହଣ କରାଯାଇପାରିନି। ଏବେ ରାଜ୍ୟରେ ନୂଆ ସରକାର ଗଠନ ହେବାପରେ, ଏହି ପ୍ରକଳ୍ପର ଭାଗ୍ୟ ଫିଟିବ ନା ନାହିଁ ସେନେଇ ଚର୍ଚ୍ଚା ଜୋର ଧରିଛି।

୧୪୯.୭୮ କିଲୋମିଟର ବିଶିଷ୍ଟ ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ ପାଇଁ ମୋଟ୍ ସୁନ୍ଦରଗଡ଼, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ମୋଟ୍ ୨୧୦୧.୧୯୯ ଏକର ଜମି ଆବଶ୍ୟକ। ୧୦୦୩.୯୪୫ ଏକର ବେସରକାରୀ ଜମି ଆବଶ୍ୟକ ହେଉଥିବାବେଳେ ୪୧୯.୭୭୩ ଏକର ସରକାରୀ ଓ ୬୭୭.୪୮୧ ଏକର ଜଙ୍ଗଲ ଜମି ରହିଛି। ମେ' ୩୦ ତାରିଖ ସୁଦ୍ଧା, ୧୭୪୭.୦୬୧ ଏକର (୮୩.୧୫%) ଜମି ଅଧିଗ୍ରହଣ ହୋଇଥିବାବେଳେ ୩୫୪.୧୩୮ ଏକର(୧୬.୮୫%) ଜମି ଅଧିଗ୍ରହଣ ହୋଇପାରିନି। ଅଧିଗ୍ରହଣ ହୋଇପାରିନଥିବା ଜମି ମଧ୍ୟରେ ୨୦୧.୯୮୦ ଏକର ବେସରକାରୀ, ୧୩୮.୪୫୭ ଏକର ସରକାରୀ ଓ ୧୩.୭୦୧ ଏକର ଜଙ୍ଗଲ ଜମି ରହିଛି। ଉପଯୁକ୍ତ କ୍ଷତିପୂରଣ ଦାବିରେ ସୃଷ୍ଟି ବିରୋଧାଭାସ କାରଣରୁ ବେସରକାରୀ ଜମି ଅଧିଗ୍ରହଣ ହୋଇନପାରିବା ସ୍ୱାଭାବିକ୍। ତେବେ ସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣରେ ବିଭାଗୀୟ କର୍ତ୍ତୃପକ୍ଷ ସଫଳ ନ ହେବା, ବିଡ଼ମ୍ବନା ବ୍ୟତିତ ଅନ୍ୟକିଛି ହୋଇ ନପାରେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକଥର ନୂଆନୂଆ ତାରିଖ ନିର୍ଦ୍ଧାରଣ କରାଯାଉଛି, କିନ୍ତୁ ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହେଉନି। ଅନୁଗୁଳ ଜିଲ୍ଲାରେ ଅଧିଗ୍ରହଣ ପ୍ରାୟ ଶେଷ ପର୍ଯ୍ୟାୟରେ ଥିବାବେଳେ ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାରେ କିନ୍ତୁ ବେଗ ଧରିପାରୁନି।

ଉଲ୍ଲେଖଯୋଗ୍ୟ, ସଂପ୍ରତି ତାଳଚେର ପଟୁ ନିର୍ମାଣ କାର୍ଯ୍ୟ ଜାରିରହିଛି। ଇତିମଧ୍ୟରେ ତାଳଚେର-ସମଲ ଯାଏ ୨୭.୫୫ କିଲୋମିଟର ରେଳପଥ ନିର୍ମାଣ ଶେଷ ହୋଇଥିବାବେଳେ ସମଲ-ଶ୍ରୀରାମପୁର(୪୦ କିଲୋମିଟର) ନିର୍ମାଣକାର୍ଯ୍ୟ ପ୍ରାୟ ଶେଷହେବା ଉପରେ। ଏବେ ୯.୫ କିଲୋମିଟର ବିଶିଷ୍ଟ ଶ୍ରୀରାମପୁର-ପାଲଲହଡ଼ା ପାଇଁ ଗତ ୩ ତାରିଖରେ ଇପିସି ଠିକା ଦିଆଯାଇଛି। ତେବେ ପାଲଲହଡ଼ାରୁ ବିମଳାଗଡ଼ (୭୨.୮ କିଲୋମିଟର)ରେ ଜମି ଅଧିଗ୍ରହଣ ସରୁନଥିବାରୁ ପ୍ରକଳ୍ପ ଆଗେଇପାରୁନି। ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ପାଇଁ ରେଳବାଇ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ତହବିଲରେ ଅର୍ଥ ପୈଠ କରିସାରିଲେଣି। ପ୍ରକଳ୍ପର ଅଗ୍ରଗତିପାଇଁ ଯଥାଶୀଘ୍ର ଜମି ଅଧିଗ୍ରହଣ ସମ୍ପନ୍ନ ହିଁ ଏକମାତ୍ର ବିକଳ୍ପ ପାଲଟିଛି।

# ଘଟଗାଁରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଘଟଗାଁ, ୨୦/୬ (ନି.ପ୍ର): ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳ ଘଟଗାଁ ମା' ତାରିଣୀ ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସୁଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ି ରଖିବା ପାଇଁ ଆଜିପର୍ଯ୍ୟନ୍ତ ପାର୍କିଂ ବ୍ୟବସ୍ଥା ହୋଇପାରିଲା ନାହିଁ। ତେଣୁ ମନ୍ଦିର ଆଗ ରାସ୍ତାରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ମନ୍ଦିର ଦୁଇପାର୍ଶ୍ୱରେ ରହିଛି ଶତାଧିକ ଭୋଗ ଦୋକାନ। ଦୋକାନ ଆଗରେ ଠିଆ ହେବା ହାତେ ଜାଗା ମଧ୍ୟ ନାହିଁ। କୌଣସି ଗାଡ଼ି ରାସ୍ତାରେ ଅଟକି ଗଲେ ଟ୍ରାଫିକ୍ ଜାମ୍ ହେଉଛି। ସେହିପରି କେତେକ ବସ୍ ଯାତ୍ରୀଙ୍କୁ ନେବା ପାଇଁ ୧୦ ମିନିଟରୁ ୩୦ ମିନିଟ ପର୍ଯ୍ୟନ୍ତ ଘଟଗାଁ ଡାକବଙ୍ଗଳା ନିକଟରେ ଠିଆ ହେଉଛନ୍ତି। ନୂଆ ଓ ପୁରୁଣା ବସଷ୍ଟାଣ୍ଡ ଥିଲେ ମଧ୍ୟ ବସ୍ ଗୁଡ଼ିକ ବଙ୍ଗଳାଛକରେ ଅଟକି ରହିବା ଫଳରେ ପଛକୁ ପଛ ଗାଡ଼ି ଅଟକି ଯାଉଛନ୍ତି। ବିଶେଷ କରି ପର୍ବପର୍ବାଣୀ ଓ ଛୁଟିଦିନ ଗୁଡ଼ିକରେ ପରିସ୍ଥିତି ଅସମ୍ଭାଳ ହେଉଛି। ଚଳିତବର୍ଷ ପ୍ରଥମ ରଜଠାରୁ ଆଜିପର୍ଯ୍ୟନ୍ତ ମା'ଙ୍କ ପୀଠରେ ପ୍ରବଳ ଭିଡ଼ ଯୋଗୁଁ ଟ୍ରଫିକ ସମସ୍ୟା ହେଉଛି। ଘଟଣାସ୍ଥଳରେ ପୁଲିସ ମୁତୟନ ହୋଇଥିଲେ ମଧ୍ୟ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁଁ ସେମାନେ ରାସ୍ତା



ଉପରେ ଠିଆ ହୋଇପାରୁ ନାହାନ୍ତି। ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଅଣାୟତ୍ତ ହେଉଛି। ଡାକ୍ତରଖାନା ଯାଉଥିବା ଲୋକେ ଜାମ୍‌ରେ ଫସି ଯାଉଛନ୍ତି। ବଜାରକୁ ଲାଗି ରହିଥିବା ବସ୍ତିବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିବର୍ଷ ତଳେ ଘଟଗାଁରେ ଦୁଇଜଣ ଟ୍ରାଫିକ କନେଷ୍ଟବଳ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରତ୍ୟାହାର କରି ନିଆଯାଇଛି। ଟ୍ରାଫିକ ସମସ୍ୟା ପାଇଁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଓଡ଼ିଶା ପାଇଁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି କର୍ମଶାଳା

ଭୁବନେଶ୍ୱର, ୨୦/୬ (ନି.ପ୍ର):୧୯୯୯ ମହାବାତ୍ୟାରୁ ଶିକ୍ଷା ଲାଭ କରି ଓଡିଶା ଏହାର ଭିତିଭୂମିକୁ ସୁଦୃଢ଼ କରିଛି । ଏହି ମହାବାତ୍ୟା ପରଠାରୁ ବିଦ୍ୟୁତ୍ ଭିତିଭୂମିକୁ ବିପର୍ଯ୍ୟୟ ପ୍ରତିରୋଧୀ କରାଯିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ବିଦ୍ୟୁତ୍ ଭିତିଭୂମିକୁ ମଜଭୁତ୍ କରିବା ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଉଛି। ବାତ୍ୟା ଓ ଅନ୍ୟ ବିପର୍ଯ୍ୟୟରେ ଆଦୌ କ୍ଷତିଗ୍ରସ୍ତ ନହେବା କିମ୍ବା ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ନିର୍ମାଣ ଉପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁରୁତ୍ୱାରୋପ କରିଛନ୍ତି ।

ବୁଧବାର ଭୁବନେଶ୍ୱରରେ ଓଡ଼ିଶା ପାଇଁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତିଭୂମି କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଜେନା ସବୁ ଭିତିଭୂମି ବିପର୍ଯ୍ୟୟ ପ୍ରତିରୋଧୀ ହେବା ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟ ସରକାର, କେନ୍ଦ୍ର ଶକ୍ତି ମନ୍ତ୍ରାଳୟ, ଓସ୍‌ଡମା, ଗ୍ରୀଡ୍‌କୋ ଓ କୋଆଲିସନ ଫର ଡିଜାଷ୍ଟର ରେଜିଲିଏଂଟ ଇନଫ୍ରାଷ୍ଟ୍ରକଚର (ସିଡିଆରଆଇ)ର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଶାରେ ବିପର୍ଯ୍ୟୟ ପ୍ରତିରୋଧୀ ଭିତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଓଡ଼ିଶା ସରକାର ଓ ସିଡିଆରଆଇଙ୍କ ଦ୍ୱାରା ଓଡ଼ିଶାର ବିଦ୍ୟୁତ୍ ସଂଚାରଣ ଓ ବିତରଣ ଭିତିଭୂମି ଆଧାରିତ ପ୍ରକାଶିତ ରିପୋର୍ଟ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ ବାତ୍ୟା ପ୍ରତିରୋଧୀ ଭିତିଭୂମି ନିର୍ମାଣ କେବଳ ଗୋଟିଏ ବିଭାଗରେ ସୀମିତ ନ ରହି ସମସ୍ତ ବିଭାଗର ନୀତିରେ ଏହା ନିଶ୍ଚିତ ସ୍ଥାନ ପାଇବା ଜରୁରୀ ବୋଲି କହିଥିଲେ । ଜଳ ସମ୍ପଦ ବିଭାଗ ପକ୍ଷରୁ ବହୁ ନିର୍ମାଣ କାର୍ଯ୍ୟ କରାଯାଉଥିବା ଓ ଏଥିରେ ବିପର୍ଯ୍ୟୟ ପ୍ରତିରୋଧୀ ଭିତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଥିବା ସଂପର୍କରେ ସେ ଆଲୋକପାତ କରିଥିଲେ ।

ଅର୍ଥ ତଥା ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ କହିଥିଲେ ଯେ, ରାଜ୍ୟ ସରକାର ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ବାରମ୍ବାର ଜଳବାୟୁ ପରିବର୍ତନ ଓ ଏହା ଦ୍ୱାରା ଭିତିଭୂମି ପ୍ରଭାବିତ ହେବାର ଆଶଙ୍କା ଥିବାରୁ ସେ ବିପର୍ଯ୍ୟୟ ପ୍ରତିରୋଧୀ ଭିତିଭୂମି ନିର୍ମାଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା। ଏ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ, ବିପର୍ଯ୍ୟୟ ପ୍ରତିରୋଧୀ ବ୍ୟବସ୍ଥା ଏକ ବୈଶ୍ୱିକ ପ୍ରସଙ୍ଗ । ପ୍ରକାଶ ପାଇଥିବା ରିପୋର୍ଟ କେବଳ ଓଡ଼ିଶା ପାଇଁ ନୁହେଁ , ଅନ୍ୟ ଅଂଚଳ ପାଇଁ ମଧ୍ୟ ପ୍ରଯୁଜ୍ୟ । ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହି ରିପୋର୍ଟର ପ୍ରସ୍ତାବକୁ ଗ୍ରହଣ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଉପକୂଳ ଅଂଚଳରେ ବାତ୍ୟା, ପ୍ରବଳ ବର୍ଷା, ବନ୍ୟା ଓ ଜଳବନ୍ଦୀ ଯୋଗୁ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ଭିତିଭୂମି ପ୍ରଭାବିତ ହେଉଛି। ଏହାର ପୁନଃନିର୍ମାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେବା ସହ, ଅନେକ ସମ୍ପତି ନଷ୍ଟ ହେଉଛି । ବିଦ୍ୟୁତ୍ ଭିତିଭୂମି ଉପରେ ନିର୍ଭରଶୀଳ ଅର୍ଥନୈତିକ, ଶିଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। କିପରି ବିଦ୍ୟୁତ୍ ଭିତିଭୂମିକୁ ମଜଭୁତ୍ କରାଯିବ ସେ ନେଇ ବହୁ ପ୍ରସ୍ତାବ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ନୀତି ପ୍ରସ୍ତୁତି, ତାଲିମ ଓ ଦକ୍ଷତା ବୃଦ୍ଧି ସମ୍ପର୍କରେ ମଧ୍ୟ ଏଥିରେ ପ୍ରସ୍ତାବ ରହିଥିବା ସେ ପ୍ରକାଶ କରିଥିଲେ। କେନ୍ଦ୍ର ଶକ୍ତି ମନ୍ତ୍ରାଳୟର ଯୁଗ୍ମ ସଚିବ ଶଶାଙ୍କ ଶେଖର ମିଶ୍ର ସିଡିଆରଆଇକୁ ପ୍ରଶଂସା କରି ଭବିଷ୍ୟତରେ କେନ୍ଦ୍ର ଶକ୍ତି ମନ୍ତ୍ରାଳୟ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତିଭୂମି ନିର୍ମାଣ କ୍ଷେତ୍ରରେ ବିଭିନ୍ନ ସ୍ତରରେ ଆଲୋଚନା କରିବ ବୋଲି କହିଥିଲେ।

ଏନ୍‌ଡିଏମଏର ସଦସ୍ୟ ଡକ୍ଟର କ୍ରିଷ୍ଣା ଏସ୍ ବତ୍ସା କହିଥିଲେ ଯେ, ଏହି ରିପୋର୍ଟ ବିପର୍ଯ୍ୟୟ ପ୍ରତିରୋଧୀ ଭିତିଭୂମି ନିର୍ମାଣ କ୍ଷେତ୍ରରେ ସହାୟକ ହେବ। ସିଡିଆରଆଇର ମହା ନିର୍ଦ୍ଦେଶକ ଅମିତ ପୁରୋହିତ କହିଥିଲେ ଯେ, ଏହି ରିପୋର୍ଟ ସମସ୍ତ ଉପକୂଳ ଅଂଚଳରେ ଭିତିଭୂମି ନିର୍ମାଣ କ୍ଷେତ୍ରରେ ଉପାଦେୟ ସାବ୍ୟସ୍ତ ହେବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ, ଗ୍ରୀଡ୍‌କୋ, ଓସଡମା, ଓପିଟିସିଏଲ୍, ବିତରକ କମ୍ପାନୀର ବରିଷ୍ଠ ଅଧିକାରୀ ସାମିଲ ହେବା ସହ ଭିତିଭୂମି ନିର୍ମାଣ କ୍ଷେତ୍ରରେ ସେମାନଙ୍କ ମତ ରଖିଥିଲେ।

# ମୂର୍ତ୍ତି ପଥର, ମୋରମ ଲୁଟ୍: ପରିବେଶ ନଷ୍ଟ

ବାଲିକୁଦା, ୨୦/୬ (ନି.ପ୍ର): ବଡ଼ଚଣା ବ୍ଲକ୍ ତଥା ଦର୍ପଣ ତହସିଲ ଗୋପାଳପୁର ରାଜସ୍ୱ ସର୍କଲ ମଝିପଡ଼ା ପଞ୍ଚାୟତର ଚଣ୍ଡିଆ, ମଝିପଡ଼ା ଓ ଅଚ୍ୟୁତବସନ୍ତ ଆଦି ପାହାଡ଼ ପାଦଦେଶ ଚୋରା ପଥର ମାଫିଆଙ୍କ କବ୍‌ଜାରେ ରହିଛି। ଚଣ୍ଡିଆ ପାହାଡ଼ରୁ ମୂଲ୍ୟବାନ ମୂର୍ତ୍ତି ପଥର ମିଳୁଥିବା ବେଳେ ମଝିପଡ଼ାଠାରୁ ଅଚ୍ୟୁତବସନ୍ତ ପର୍ଯ୍ୟନ୍ତ ମୋରମ, ସ୍ୱର ଓ ମେଟାଲ ମିଳିଥାଏ। ଉକ୍ତ ପାହାଡ଼ ନିକଟରେ ଆଦିବାସୀମାନେ ବାସ କରନ୍ତି। କିଛି ମାଫିଆ ସେମାନଙ୍କୁ ହାତବାରିଶି କରି ଦିନରେ ମୋରମ ଓ ପଥର ତାଡୁଛନ୍ତି। ବିଳମ୍ବିତ ରାତିରେ ଏହାକୁ ଗାଡ଼ିରେ ବୋଝେଇ କରି ଚୋରାଚାଲାଣ କରାଯାଉଛି। ଚଣ୍ଡିଆର ମୂଲ୍ୟବାନ ମୂର୍ତ୍ତି ପଥର ବିଭିନ୍ନ ପଥର କାରିଗରଙ୍କ ନିକଟକୁ ଯାଉଥିବା ବେଳେ ଅନ୍ୟ ପଥର ରାସ୍ତା ନିର୍ମାଣ ଓ ଘରୋଇ ବ୍ୟବହାର ପାଇଁ ପଠାଯାଇଥାଏ। ଗୋଟିଏ ଟ୍ରାକ୍ଟର ମୂର୍ତ୍ତି ପଥରର ଦାମ ୨୫ରୁ ୩୦ ହଜାର ଟଙ୍କାରେ ବିକ୍ରି ହୋଇଥାଏ। ସରଳ ଆଦିବାସୀଙ୍କୁ ୧ହଜାରରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ଦେଇ ମାଫିଆମାନେ ବେଶ୍ ମୁନାଫା କମାଇଥାନ୍ତି। ପଥର ତାଡ଼ିବା ଯୋଗୁଁ ପାହାଡ଼ ପାଦଦେଶରେ ୨୦ରୁ ୩୦ ଫୁଟ୍ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହେଲାଣି। ଜଙ୍ଗଲ ନଷ୍ଟ କରି ମାଫିଆମାନେ ପଥର ତାଡୁଥିବାରୁ ପରିବେଶ ମଧ୍ୟ ନଷ୍ଟ ହେଉଛି। ବନ୍ୟପ୍ରାଣୀ କେତେବେଳେ ଜନବସତି ମୁହାଁ ହେଉଛନ୍ତି ତ ଅନ୍ୟତ୍ର ମଧ୍ୟ ଚାଲିଯାଉଛନ୍ତି। ଏଭଳି ସ୍ଥିତିରେ ସରକାର ଲଘୁ ଖଣିଜ ସମ୍ପଦର ଦାୟିତ୍ୱ ଓଡ଼ିଶା ଖଣି ନିଗମକୁ ହସ୍ତାନ୍ତର କରିଥିବାରୁ ତହସିଲ ଓ ପୁଲିସ ଆମର ଆଉ ଦାୟିତ୍ୱ ନାହିଁ କହି ଖସିଯାଉଛନ୍ତି। ଅନ୍ୟପକ୍ଷରେ ଖଣି ନିଗମ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ କର୍ମଚାରୀ ଅଭାବ ଦର୍ଶାଇ ଅସହାୟତା ପ୍ରକାଶ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ଚେଷ୍ଟା କରିବେ ବୋଲି ଆଶ୍ୱାସନା ଦେଉଛନ୍ତି। ଜିଲ୍ଲାପାଳ ଦୃଷ୍ଟି ନ ଦେଲେ ଆଗକୁ ଲଘୁ ଖଣିଜ ସମ୍ପଦ ଶେଷ ହେବା ସହ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଉଛି।

# ପାସିଘାଟ

ବୁଲିବାକୁ ଯିବା ପାଇଁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଖୁବ୍ ସୁନ୍ଦର ସ୍ଥାନ। କାରଣ ଅନ୍ୟ ରାଜ୍ୟ ତୁଳନାରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରଦୂଷଣମୁକ୍ତ। ତୁଳନାତ୍ମକ ଭାବେ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ କମ୍। ଗୋଟିଏ ପଟେ ପାହାଡ଼ କୋଳରେ ଯେମିତି ମେଘମାନଙ୍କ ଭାସି ବୁଲୁଥିବାର ଦୃଶ୍ୟ ଆଖି ଏବଂ ମନ ଉଭୟକୁ ପରିତୃପ୍ତି ଦେଇଥାଏ। ଅନ୍ୟପଟେ ଘଂଚଞ୍ଚ ସବୁଜ ଜଙ୍ଗଲ ସେମିତି ଭିଡ଼ ମଧ୍ୟରୁ ହଜିଯାଇ ନିଜକୁ ନୂଆ କରି ଖୋଜି ବାହାର କରିବାର ଆଶ୍ୱାସନା ଯୋଗାଇଥାଏ। ଉତ୍ତର ପୂର୍ବାଞ୍ଚଳ ପାସିଘାଟ ଅରୁଣାଚଳ ପ୍ରଦେଶର ଅନ୍ୟତମ ସୁସଜ୍ଜିତ ସହର। ଦେଶର ପ୍ରଥମ ୧୦୦ଟି ସ୍ମାର୍ଟ ସିଟି ତାଲିକା ମଧ୍ୟରେ ଏହି ପାସିଘାଟ। କିନ୍ତୁ ଦେଶର ଅନ୍ୟ ମହାନଗରୀଗୁଡ଼ିକ ତୁଳନାରେ ଏହି ସହରଟିକୁ ଏବେବି ଗ୍ରାସ କରିପାରିନି ପ୍ରଦୂଷଣ। ପୂର୍ବ ସିୟାଂ ଜିଲ୍ଲାର ସଦର ମହକୁମା ଭାବେ ପରିଚିତ ପାସିଘାଟ ଅରୁଣାଚଳର ପ୍ରାଚୀନ ସହରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ସହରଟିକୁ କେନ୍ଦ୍ର କରି ଗଢ଼ିଉଠିଛି ଛୋଟ-ବଡ଼ ଅନେକ ପର୍ଯ୍ୟଟନସ୍ଥଳୀ।




**ଡେଙ୍ଗ୍ ଏଙ୍ଗ ଅଭୟାରଣ୍ୟ :**
ପାସିଘାଟର ଅନ୍ୟତମ ପର୍ଯ୍ୟଟନ କେନ୍ଦ୍ର ହେଉଛି ଏହି ଅଭୟାରଣ୍ୟ। ସାଇବେରିଆ, ମଙ୍ଗୋଲିଆ ଆଦି ଦେଶରୁ ଆସିଥିବା ଅତିଥି ପକ୍ଷୀଙ୍କ ଭିଡ଼ ଏହି ଅଭୟାରଣ୍ୟରେ ସୌନ୍ଦର୍ଯ୍ୟକୁ ବହୁ ଗୁଣରେ ବୃଦ୍ଧି କରିଥାଏ। ଏହା ସହିତ ଘନ ସବୁଜ ଜଙ୍ଗଲ ଏବଂ ବିଶାଳ ଜଳାଶୟ ଏହି ଅଂଚଳଟିକୁ ପର୍ଯ୍ୟଟକମାନଙ୍କ ପାଇଁ ଆହୁରି ଆକର୍ଷଣୀୟ କରିପାରିଛି। ସବୁଠାରୁ ମାତ୍ର ୨୦ କିମି ଦୂରତ୍ୱରେ ଅବସ୍ଥିତ ଏହି ଅଭୟାରଣ୍ୟ ପରିବେଶ କୋଳରେ ଛୁଟି କଟାଇବାର ଆଦର୍ଶ ସ୍ଥାନ।

**କେକାର ମନିଂ :**
ପାସିଘାଟ ଯାଇ ଏହି ଐତିହାସିକ ସ୍ଥଳୀକୁ ଯାଇ ନଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହୁଏତ ହାତଗଣତି ହୋଇଥିବ। ରୋଟାଂ ପାଖରେ ଅବସ୍ଥିତ ଏହି ପାହାଡ଼ି ଅଂଚଳ ୧୯୯୧ ମସିହାରେ ବ୍ରିଟିଶମାନଙ୍କ ବିରୁଦ୍ଧରେ ହୋଇଥିବା ଏକ ଘମାଘୋଟ ଯୁଦ୍ଧର ମୂକସାକ୍ଷୀ। ତେଣୁ ଇତିହାସପ୍ରେମୀ ପର୍ଯ୍ୟଟକମାନଙ୍କ ପାଖରେ ଏହି ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ସିୟାଂ ଓ ବ୍ରହ୍ମପୁର ରିଭର ରାଫ୍ଟିଂ :**
ଆପଣ ଯଦି ରୋମାଞ୍ଚପ୍ରିୟ ପର୍ଯ୍ୟଟକ ହୋଇଥାନ୍ତି ଏବଂ ପ୍ରକୃତି କୋଳରେ ଉଦ୍ଦାମ ମୁହୂର୍ତ୍ତ ସୃଷ୍ଟି କରିବାରେ ବିଶ୍ୱାସୀ ତେବେ ସିୟଂ ଏବଂ ବ୍ରହ୍ମପୁର ନଦୀରେ ରିଭର ରାଫ୍ଟିଂ କରିପାରିବେ। ସହରଠାରୁ ପାଞ୍ଚକିଲୋମିଟର ଦୂରତ୍ୱରେ ଅବସ୍ଥିତ ଏହି ଦୁଇଟି ଜଳାଶୟ ରୋମାଞ୍ଚକର ଜଳକ୍ରୀଡ଼ାପାଇଁ ଆଦର୍ଶ।

**ପାନିଗିଂ :**
ପାନଗିଂକୁ କୁହାଯାଏ ଉତ୍ତର-ପୂର୍ବାଂଚଳର ପ୍ରୟାଗ। ସିୟାଂ ଏବଂ ସିୟମ ନଦୀର ମିଳନସ୍ଥଳ ପାନଗିଂରେ ଦେଖିବାକୁ ମିଳେ ସବୁଜ ଜଳରାଶିର ଅପରୂପ ସୌନ୍ଦର୍ଯ୍ୟ। ପାହାଡ଼ି ନଦୀର ଏହି ମିଳନକ୍ଷେତ୍ର ଏହାର ଅପୂର୍ବ ସୌନ୍ଦର୍ଯ୍ୟ ପାଇଁ ସବୁବେଳେ ପର୍ଯ୍ୟଟକମାନଙ୍କ ମନ ଜୟ କରିଆସିଛି।



**କିପରି ଯିବେ :**
ପାସିଘାଟର ନିକଟତମ ବିମାନବନ୍ଦର ହେଉଛି ଆସାମର ଦିବ୍ରୁଗଡ଼ (ମୋହନବାରି) ଏବଂ ଗୌହାଟି। ସେଠାରୁ ପ୍ରାଇଭେଟ୍ ଗାଡ଼ି ଯୋଗେ ପାସିଘାଟ ଯିବାର ବ୍ୟବସ୍ଥା ଅଛି। ଦିବ୍ରୁଗଡ଼ ଏବଂ ଇଟାନଗରରୁ ମଧ୍ୟ ପବନହଂସର ହେଲିକପ୍ଟର ସେବା ଉପଲବ୍ଧ। ପାସିଘାଟ ନିକଟତମ ଷ୍ଟେସନ ହେଉଛି ମୁରକୋଂ ସେଲେକ ଯେଉଁଠୁ ପାସିଘାଟର ଦୂରତ୍ୱ ୩୫କିମି। ଜଣେ ଚାହିଁଲେ ଠାରୁ ବସ କିମ୍ବା ପ୍ରାଇଭେଟ ଟ୍ୟାକ୍ସି ଯୋଗେ ପାସିଘାଟ ଯାଇପାରିବ। ଗୌହାଟି, ଇଟାନଗର, ଲକ୍ଷ୍ମୀପୁର ଆଦି ସ୍ଥାନରୁ ପାସିଘାଟକୁ ନିୟମିତ ବସ୍ ଏବଂ ଅନ୍ୟାନ୍ୟ ଗାଡ଼ି ଯାତାୟତ କରିଥାଏ। ତେବେ ପାସିଘାଟ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନଙ୍କୁ ପ୍ରଥମେ ଏକ ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ ଯାହା କି ଦିଲ୍ଲୀ, କୋଲକାତା, ଗୋହାଟି ଏବଂ ଦିବ୍ରୁଗଡ଼ରେ ଅବସ୍ଥିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଲିଆସନ ଅଫିସରମାନେ ଦେଇଥାନ୍ତି। ନଚେତ ପାସିଘାଟ ସବ ଡିଭିଜନର ଡେପୁଟି କମିଶନରଙ୍କ ଠାରୁ ଏହି ଅନୁମତି ପତ୍ର ଯୋଗାଡ଼ କରିବାକୁ ପଡ଼ିବ। ତେବେ ଅଧିକାଂଶ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଏହି କଷ୍ଟ ଉଠାଇବାକୁ ପଡ଼ିନଥାଏ। କାରଣ ଟୁରିଷ୍ଟ ଗାଇଡ୍ ଓ ଟ୍ରାଭେଲ ଏଜେନ୍ସି ଗୁଡ଼ିକ ଏହି ସୁବିଧା ଉପଲବ୍ଧ କରାଇଥାନ୍ତି।

# ଅଧିକ ଚିନ୍ତା ଦାନ୍ତକୁ କ୍ଷତି ପହଂଚାଏ



ଅଧିକ ଚିନି, ମଇଦା, ଅଜିନୋମଟୋ ପାଟିକୁ ସୁଆଦିଆ ଲାଗେ। କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ। ପ୍ରତିଦିନ ଖାଦ୍ୟରେ ଚିନିର ମାତ୍ରା କମ୍ କରନ୍ତୁ। ମଇଦା ଓ ଅଜିନୋମଟୋ ଠାରୁ ଦୂରେଇ ରୁହନ୍ତୁ। କାରଣ ଏପରି ଖାଦ୍ୟର ଅଭ୍ୟାସ ଆପଣଙ୍କୁ କରିଦେବ ରୋଗାଗ୍ରସ୍ତ। ଗୋଟିଏ ଦିନରେ ଚିନିର ମାତ୍ରା ଦୁଇ ଛୋଟ ଚାମଚ ରହିବା ସ୍ୱାସ୍ଥ୍ୟ ପାଇଁ ଭଲ। ମାତ୍ର ଏହାଠାରୁ ଅଧିକ ହେଲେ ଏହା ଦାନ୍ତକୁ କ୍ଷତି ପହଁଚାଇବା ସହ ଶରୀରକୁ ମୋଟା ମଧ୍ୟ କରାଏ। ଚିନିଯୁକ୍ତ ପାନୀୟ ପଦାର୍ଥ ଏବଂ ଜଙ୍କ ଫୁଡ଼ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଅଧିକ ବଢ଼ାଇଦିଏ। ଚିକିତ୍ସକଙ୍କ କହିବାନୁଯାୟୀ ଅଧିକ ଚିନି ସେବନ ଦ୍ୱାରା ଏହା ନିଶାରେ ପରିଣତ ହୁଏ ଏବଂ ଦାନ୍ତ ଜନିତ ସମସ୍ୟା ଉପୁଜେ। ଦାନ୍ତ ଏବଂ ଅନୁସନ୍ଧାନ ବିଭାଗର ଡାକ୍ତରଙ୍କ କହିବା ମୁତାବକ, ଦେଶରେ ୮୦ ରୁ ୯୦ ପ୍ରତିଶତ୍ ଲୋକମାନଙ୍କ ନିକଟରେ ମାଢ଼ି ଜନିତ ଓ ଡାଇବେଟିସ୍ ସମସ୍ୟା ହେବାରେ ଲାଗିଛି। ବଜାରରେ ମିଳୁଥିବା ବିଭିନ୍ନ ରକମର ଶୀତଳ ପାନୀୟ ହିଁ ଏହି ଦାନ୍ତ ଜନିତ ରୋଗ ସୃଷ୍ଟି କରେ। ବାରମ୍ବାର ପିଇବା ଦ୍ୱାରା ଲୋକେ ଏହାର ଅଭ୍ୟସ୍ତ ହୋଇପଡ଼ନ୍ତି।

# କିଡ଼ନୀ ଷ୍ଟୋନ ରୋକିପାରେ ସାଇଟ୍ରିକ୍ ଏସିଡ୍



ପ୍ରାକୃତିକ ସାଇଟ୍ରିକ ଏସିଡ୍ କିଡ଼ନୀ ଷ୍ଟୋନ୍ ରୋକିବାରେ ସହାୟକ ହୋଇପାରେ। ଏପରିକି ଷ୍ଟୋନକୁ ମିଳେଇବାରେ ମଧ୍ୟ ସକ୍ଷମ। ହାଇଡ୍ରୋକ୍ସିସାଇଟ୍ରେଟ (ଏଚସିଏ) ନାମକ ଯୌଗିକ କ୍ୟାଲସିୟମ ଅକ୍ସାଲେଟ୍ କ୍ରିଷ୍ଟାଲକୁ ମିଳେଇପାରେ, ଯାହା ମଣିଷର କିଡ୍ନୀ ଷ୍ଟୋନରେ ସବୁଠୁ ମୁଖ୍ୟ ଉପାଦାନ ବୋଲି ଅଧ୍ୟୟନ ସ୍ପଷ୍ଟ କରିଛି। କିଡ୍ନୀ ଷ୍ଟୋନ ଭଳି କଷ୍ଟଦାୟକ ସ୍ଥିତି ପାଇଁ ଅଧ୍ୟୟନ ଫଳପ୍ରଦ ଔଷଧ ପ୍ରସ୍ତୁତ କରୁଥିଲା। କିଡ୍ନୀ ଷ୍ଟୋନ ରୋକିବାରେ ଏଚ୍ସିଏ ଖୁବ୍ ଲାଭପ୍ରଦ ବୋଲି ଅନଲାଇନ୍ ଜର୍ଣ୍ଣାଲ୍ 'ନେଚର୍'ରେ ଗବେଷକମାନେ ଉଲ୍ଲେଖ କରିଛନ୍ତି। କମ୍ପ୍ୟୁଟେସନାଲ ଓ ମାନବ ଅଧ୍ୟୟନ ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଥିବା ଅଧ୍ୟୟନର ମୁଖ୍ୟ ଲେଖକ ଆମେରିକାର ହଷ୍ଟନ୍ ୟୁନିଭର୍ସିଟିର ସହ ପ୍ରାଧ୍ୟାପକ ଜେଫରୀ ରିମର୍ କହିଛନ୍ତି। କିଡ୍ନୀ ଷ୍ଟୋନର ଆକାର ଛୋଟ। କଠିନ ଧାତୁ କିଡନୀ ମଧ୍ୟରେ ଜମା ହୋଇ ଏହା ସୃଷ୍ଟି ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତା ଏହି ଆଶଙ୍କା ବୃଦ୍ଧି କରିଥାଏ।

# ୯୦% ଲୋକ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି



ବିଶ୍ୱର ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ଜଣ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି। ବାୟୁ ପ୍ରଦୂଷଣ ବାର୍ଷିକ ୬ ନିୟୁତ ଲୋକଙ୍କ ଜୀବନ ନେଉଛି ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଡବ୍ଲ୍ୟୁଏଚ୍ଓର ଜନସ୍ୱାସ୍ଥ୍ୟ ଓ ପରିବେଶ ବିଭାଗ ମୁଖ୍ୟ ମାରିଆ ନେଇରା କହିଛନ୍ତି, ଜାତିସଂଘର ସ୍ୱାସ୍ଥ୍ୟ ସମ୍ପର୍କିତ ଏହି ବିଶ୍ୱ ସ୍ତରୀୟ ସଙ୍ଗଠନର ତଥ୍ୟ ଏ ବାୟୁ ପ୍ରଦୂଷଣ ରୋକିବା ନେଇ ସଚେତନ କରିବା ପାଇଁ ପର୍ଯ୍ୟାପ୍ତ। ଏହି ସମସ୍ୟା ସହରଗୁଡ଼ିକରେ ସବୁଠୁ ଅଧିକ। କିନ୍ତୁ ଗ୍ରାମାଞ୍ଚଳରେ ମଧ୍ୟ ବାୟୁ ପ୍ରଦୂଷଣର ଭୟାବହତା କିଛି କମ ନୁହେଁ। ଅନୁନ୍ନତ ଦେଶଗୁଡ଼ିକର ବାୟୁ ବିକଶିତ ଦେଶଠାରୁ ଅପେକ୍ଷାକୃତ କମ ପ୍ରଦୂଷିତ। କିନ୍ତୁ ପ୍ରକୃତରେ ବାୟୁ ପ୍ରଦୂଷଣ ବିଶ୍ୱର ସବୁଠୁ ଦେଶର ସବୁ ସମାଜ ଉପରେ ଖରାପ ପ୍ରଭାବ ପକାଉଛି। ଏହାକୁ ଜନସ୍ୱାସ୍ଥ୍ୟ ପାଇଁ ଜରୁରିକାଳୀନ ପରିସ୍ଥିତି ବୋଲି କୁହାଯାଇପାରେ। ତେବେ ସରକାର ଯାନବାହାନ ଗୁଡ଼ିକୁ ଚଳାଚଳକୁ ଉଚିତ ଢଙ୍ଗରେ ନିୟନ୍ତ୍ରଣ, ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ପ୍ରୋତ୍ସାହିତ କଲେ ଏ ଦିଗରେ ସୁଫଳ ମିଳିବ। ବିଶ୍ୱର ୩,୦୦୦ରୁ ଉର୍ଦ୍ଧ୍ୱ ସହରରୁର ସଂଗୃହୀତ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ



କରାଯାଇଛି। ୯୨% ଲୋକ ଏଭଳି ପରିବେଶରେ ରହୁଛନ୍ତି, ଯେଉଁଠି ବାୟୁର ସ୍ତର ଡବ୍ଲ୍ୟୁଏଚଓ ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ଠାରୁ ନିମ୍ନରେ ରହିଛି। ଘରୋଇ ଓ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ବିଶ୍ୱରେ ବାର୍ଷିକ ୬ ନିୟୁତ ଲୋକ ପ୍ରାଣ ହରାଉଛନ୍ତକି। ଚାଇନା, ମାଲେସିଆ ଓ ଭିଏତନାମ ସମେତ ଦକ୍ଷିଣ ଏସିଆ ଓ ପଶ୍ଚିମ ପ୍ରଶାନ୍ତମହାସାଗରୀୟ ଅଂଚଳରେ ସ୍ଥିତି ସବୁଠୁ ଉଦବେଗଜନକ ବୋଲି ଏଥିରେ କୁହାଯାଇଛି।

# ସାମ୍ନାକୁ ଆସିଲା ଡାଇବେଟିସର ନୂଆ ଲକ୍ଷଣ: ଜଣାପଡିଲେ ତୁରନ୍ତ କରାନ୍ତୁ ପରୀକ୍ଷା



କେବେ କେବେ ମଧୁମେହ ବା ଡାଇବେଟିସ୍ ରୋଗର ଲକ୍ଷ୍ୟଣକୁ ଜାଣିବା ସହଜ ହେଉନଥିଲେ ବି ଅଧିକ ଥର ଭୋକ ଲାଗିବା, ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଗଲେ ଲୋକେ ସାଧାରଣତଃ ଡାକ୍ତର ପରାମର୍ଶ କରିଥାନ୍ତି । ହେଲେ ଏବେ ଆଉ ଏକ ନୂଆ ଲକ୍ଷଣ ସାମନାକୁ ଆସିଛି ଯାହାକୁ ନେଇ ବିଶେଷଜ୍ଞମାନେ ଦାବି କରୁଛନ୍ତି, ତାହା ହେଉଛି ପାଟିରୁ ବାହାରୁଥିବା ଗନ୍ଧ । ଦିନକୁ ଦିନ ଆମ ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏଥିରୁ ଅଧିକାଂଶ ଟାଇପ୍ -୨ ଡାଇବେଟିସ୍ । ଏହାର କିଛି ସାଧାରଣ ଲକ୍ଷଣ ଜଣାପଡିଥିଲେ ବି ଏବେ ଆଉ ଏକ ଲକ୍ଷଣ ସାମ୍ନାକୁ ଆସିଛି ବୋଲି ଦାବି କରିଛନ୍ତି ବିଶେଷଜ୍ଞ । ଯଦି ଆପଣଙ୍କ ମୁହଁରୁ ଆସାମାନ୍ୟ ଗନ୍ଧ ବାହାରୁଛି ଏହାର ଅର୍ଥ ଆପଣଙ୍କ ବ୍ଲଡ ସୁଗାର ଅଧିକ ହୋଇପାରେ । ଅନ୍ୟ ଅର୍ଥରେ ଆପଣଙ୍କୁ ଡାଇବେଟିସ୍ ହେବାର ଏହା ହେଉଛି ଆଉ ଏକ ଲକ୍ଷଣ । ଆପଣଙ୍କ ପାଟିରୁ ଫଳର ଗନ୍ଧ ଆସିଲେ ଏହା 'ଡାଏବେଟିକ୍ କିଟୋଏସିଡୋସିସ୍'ର ଲକ୍ଷଣ ହୋଇପାରେ, ଯାହା ମଧୁମେହର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ ବୋଲି କହିଛନ୍ତି । ୱେଟଓ୍ୱଚର୍ସଙ୍କ ଅନୁସାରେ, 'ଡାଏବେଟିକ୍ କିଟୋଏସିଡୋସିସ୍' ଶରୀର ମଧରେ ହେଉଥିବା ଏକ ପ୍ରକ୍ରିୟା, ଯେଉଁଥିରେ ଇନସୁଲିନ୍ ମାତ୍ରା କମିଯାଏ, ଫଳରେ ରକ୍ତ କଣିକାରେ ହାନିକାରକ କିଟୋନ୍ସ ସୃଷ୍ଟି ହୁଏ । ଫଳରେ ଡାଇବେଟିସ୍ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ପାଟିରୁ ଏଭଳି କିଛି ଗନ୍ଧ ବାହାରିଲେ ଡେରି ନକରି ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ କରିବାକୁ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି ।

# ବୟସ ବଢ଼ାଏ ଗର୍ଭନିରୋଧକ ଔଷଧ



ପରିବାର ନିୟୋଜନ ପାଇଁ ଯଦି ଆପଣ ଗର୍ଭନିରୋଧକ ଔଷଧ ସେବନ କରୁଛନ୍ତି, ତେବେ ଆପଣଙ୍କର ପରିବାର ନିୟୋଜନ ସହ ଆହୁରି ଏକ ଫାଇଦା ହେବ। ଏବେ ବୈଜ୍ଞାନିକମାନେ ଗବେଷଣା କରି କହିଛନ୍ତି ଯେ, ଏହି ଗର୍ଭନିରୋଧକ ଔଷଧ ସେବନ କରିବା ଦ୍ୱାରା କେବଳ ପରିବାର ନିୟୋଜନକରେ ସାହାଯ୍ୟ ହେଉନାହିଁ, ବରଂ ଏହା ଲମ୍ବା ଆୟୁଷ ପାଇଁ ମଧ୍ୟ ସହାୟକ ହୋଇଥାଏ । 'ଦ ଟାଇମ୍ସ'ରେ ପ୍ରକାଶିତ ତଥ୍ୟାନୁସାରେ ରୟାଲ କଲେଜ ଅଫ୍ ଜେନେରାଲ ଫିଜିସିଆନ ଏହି ଗବେଷଣାକୁ ପରୀକ୍ଷାମୂଳକ ପ୍ରମାଣ କରିବା ପାଇଁ ବ୍ରିଟେନ୍‌ରେ ୪୦ ବର୍ଷରୁ ଅଧିକ ବର୍ଷର ୪୬ ହଜାର ମହିଳାଙ୍କୁ ସାମିଲ କରିଥିଲେ । ପ୍ରାୟତଃ ଯୁବା ମହିଳାମାନଙ୍କ ମଧ୍ୟରେ ଥିବା ହୃଦ୍‌ରୋଗ, ହାର୍ଟଷ୍ଟ୍ରୋକ୍ ଓ ସ୍ତନ କ୍ୟାନସର ଭଳି ରୋଗମାନ ଏହି ଗର୍ଭନିରୋଧକ ଔଷଧ ସେବନ କରିବା ପରେ କମ୍ ହୋଇଛି । ଏହି ଗର୍ଭନିରୋଧକର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁନଶ୍ଚ ପରିବାରବାଦ...

ଏ କଥା ବର୍ତ୍ତମାନ ସର୍ବଜନବିଦିତ- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦିକା ଆଗାମୀ ଲୋକସଭା ଉପନିର୍ବାଚନ ପାଇଁ କେରଳର ୱେୟନାଡ୍ ଆସନରୁ ଦଳର ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏହା ହେବାର କାରଣ, ନିକଟରେ ଶେଷ ହୋଇଥିବା ଲୋକସଭା ନିର୍ବାଚନରେ ତାଙ୍କର ଭାଇ ରାହୁଲ ଗାନ୍ଧୀ ଉଭୟ ଉତ୍ତରପ୍ରଦେଶର ରାୟବରେଲୀ ଏବଂ କେରଳର ୱେୟନାଡ୍ ଆସନରୁ ବିଜୟୀ ହେବା ପରେ ବର୍ତ୍ତମାନ ଲୋକସଭାରେ ରାୟବରେଲୀର ପ୍ରତିନିଧି କରିବାକୁ ଇଚ୍ଛା କରି ଦକ୍ଷିଣ ଭାରତର ୱେୟନାଡ୍ ଆସନକୁ ନିଜର ଭଉଣୀଙ୍କ ପାଇଁ ଛାଡ଼ିବାକୁ ନିଷ୍ପତ୍ତି ନେଲେ। ଏକଥା ଅବଶ୍ୟ ଜୁନ୍ ୪ ତାରିଖରୁ ସ୍ପଷ୍ଟ ହୋଇ ସାରିଥିଲା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ, ଯେତେବେଳେ ରାହୁଲ ଉପରୋକ୍ତ ଦୁଇ ଆସନରେ ବିଜୟୀ ଘୋଷିତ ହେଲେ। ସୂଚନାଯୋଗ୍ୟ ଯେ ୨୦୧୯ରେ ରାହୁଲ ନିଜ ପରିବାରର ପକେଟ୍ ଭାବରେ ଖ୍ୟାତ, ଅର୍ଥାତ୍ ଏକଦା ତାଙ୍କର ଜେଜେବାପା, ଜେଜେମା' ଏବଂ ମା'ଙ୍କ ଦ୍ୱାରା ବିଜିତ ଆସନ ଭାବରେ ଖ୍ୟାତ ଆମେଥିରୁ ପରାଜିତ ହେବା ପରେ କେରଳର ୱେନାଡ୍ ଆସନ ତାଙ୍କର ସମ୍ମାନ ରକ୍ଷା କରି ଦେଇଥଲା। ଚଳିତ ସପ୍ତାହରେ ନିଜର ଭଉଣୀଙ୍କୁ ଲୋକସଭାରେ ପ୍ରଥମ ପଦାର୍ପଣ ନିମନ୍ତେ ସୁଯୋଗ ଦେବା ଉଦ୍ଦେଶ୍ୟରେ ରାହୁଲ ୱେୟନାଡ୍ ଆସନକୁ ପରିତ୍ୟାଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରିୟଙ୍କାଙ୍କର ରାଜନୀତିକ ପ୍ରକ୍ଷେପଣ ଅବଶ୍ୟ ନଜର ରଖିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି, ତେବେ ରାହୁଲଙ୍କ ଏହି ନିଷ୍ପତ୍ତିର ବାସ୍ତବ ବାର୍ତ୍ତା ସୂଚାଇଛି ଯେ ସେ ପଶ୍ଚିମଘାଟ ପର୍ବତମାଳାର ସବୁଜ ଶ୍ୟାମଳ ପରିବେଶରେ ସୀମିତ ରହିବାକୁ ନୁହେଁ, ବରଂ ଚାହିଁଛନ୍ତି କେନ୍ଦ୍ରୀୟ ଉତ୍ତରପ୍ରଦେଶର ଧୂଳି ଧୂସରିତ ସମତଳ ଅଞ୍ଚଳରେ ପୁଣିଥରେ ଖେଳିବାକୁ, ଯାହା ପିଢ଼ି ପରେ ପିଢ଼ି ତାଙ୍କର ପୂର୍ବସୁରୀ ପ୍ରଧାନମନ୍ତ୍ରୀମାନଙ୍କୁ କୋଳରେ ଧରି ଦୋଳି ଖେଳାଇ ଆସିଛି । ରାହୁଲଙ୍କ ଏହି ନିଷ୍ପତ୍ତିର ଅନ୍ୟ ଦିଗଟି ଯୋଡ଼ିହୋଇ ରହିଛି ବିଜେପି ସହିତ ମୁଣ୍ଡକୁ ମୁଣ୍ଡ ଲଢ଼େଇର ଦୁର୍ବଳତାରେ। କଂଗ୍ରେସ ନିଜର ଆଘାତ କରିବାର ହାର ୨୦୧୯ରେ ୯ ପ୍ରତିଶତରୁ ୨୦୨୪ରେ ୨୮ ପ୍ରତିଶତକୁ ବୃଦ୍ଧି କରି ପାରିଛି, ପରନ୍ତୁ ଏବେ ବି ଏହାକୁ ଅନେକ ଦୂର ଯାତ୍ରା କରିବାକୁ ରହିଛି। ଏହି ପୃଷ୍ଠଭୂମିରେ ହିନ୍ଦୀ ହୃଦୟ ରାଜ୍ୟରେ ନିଜର କବ୍‌ଜାକୁ ପୁଣି ଥରେ ଫେରାଇ ଆଣିବା ନିମନ୍ତେ ରାହୁଲଙ୍କ ନିଷ୍ପତ୍ତି ସଙ୍କେତ ଦେଉଛି ଯେ ବିଜେପି ପ୍ରାଧାନ୍ୟ ବିସ୍ତାର କରିଥିବା ଏହି ଅଞ୍ଚଳରେ କଂଗ୍ରେସ ଏହା ସହିତ ପୁଣିଥରେ ସଂଗ୍ରାମ କରିବ । ତେବେ ଏହି ବାଜି କେତେ ସଫଳତା ଆଣିଦେବ, ତାହା ସମୟ କହିବ । କିନ୍ତୁ ଦୀର୍ଘ ୧୫ ବର୍ଷ ଭିତରେ ପ୍ରଥମ ଥର ପାଇଁ କଂଗ୍ରେସ ଏହି ଅଞ୍ଚଳରେ ନିଜର ପତିଆରାର ପୁନରୁଦ୍ଧାର କରିବାରେ ସକ୍ଷମ ହୋଇଛି। ଶ୍ରୀମତୀ ଭଦ୍ରଙ୍କ ରାଜନୀତିକ ଯାତ୍ରା ଆରମ୍ଭ ହୋଇଛି ୨୦୦୪ରୁ ଯେତେବେଳେ ତାଙ୍କ ଭାଇ ଆମେଥି ଆସନରୁ ବିଜୟୀ ହେଲେ। ୨୦୧୯ରେ ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ସାଧାରଣ ସମ୍ପାଦିକା ହେବା ପରେ ସକ୍ରିୟ ରାଜନୀତିରେ ସେ ଅଂଶଗ୍ରହଣ କଲେ। ଅତୀତର ରେକର୍ଡ ଏବଂ ବର୍ତ୍ତମାନର ରାଜନୀତିକ ବାସ୍ତବତା ଦୃଷ୍ଟିରୁ ସମ୍ପ୍ରତି ୱେ ୟନାଡ୍ ଆସନ ପାଇଁ ତାଙ୍କୁ ମନୋନୟନ କରି କଂଗ୍ରେସ ଏଭଳି ଏକ ନିର୍ବାଚନମଣ୍ଡଳୀକୁ ପସନ୍ଦ କରିଛି, ଯାହା ଏବେ ବି ନିରାପଦ ବାଜି ଭାବରେ ରହିଛି ଦଳ ପାଇଁ ଏବଂ ଏହି ଆସନ ଉପରେ ଦଳର ସମ୍ପୂର୍ଣ୍ଣ ଭରସା ରହିଥିବାକୁ ଏହା ପ୍ରଦର୍ଶିତ କରିଛି । ଆଉ ଶ୍ରୀମତୀ ଭଦ୍ରା ମଧ୍ୟ ହୁଏତ ସମ୍ପ୍ରତି ଅନୁଭବ କରି ପାରିଥିବେ ଯେ ସଂସଦୀୟ ରାଜନୀତିରେ ତାଙ୍କର ଏକ ବୃହତ୍ତର ତଥା ଅର୍ଥପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଆବଶ୍ୟକତା ରହିଛି, ଯେଉଁଥିପାଇଁ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ଉପନିର୍ବାଚନରେ ଯଦି ସେ ବିଜୟ ଲାଭ କରନ୍ତି, ତା'ହେଲେ କଂଗ୍ରେସର ପ୍ରଥମ ପରିବାରର ସମସ୍ତ ଯୋଗ୍ୟ ସଦସ୍ୟ ବର୍ତ୍ତମାନ ସଂସଦରେ ପ୍ରବେଶ କରିବା ଦେଖିବାକୁ ମିଳିବ । ତେବେ ଏଠାରେ ସୂଚାଇ ଦିଆଯାଇପାରେ ଯେ ୨୦୨୪ ଲୋକସଭା ନିର୍ବାଚନରେ ବଂଶବାଦ ରାଜନୀତି ବିରୁଦ୍ଧରେ ବିଜେପିର ପ୍ରଚାର ଲୋକମାନଙ୍କୁ ସେତେ ଆକର୍ଷିତ କରି ପାରି ନଥିଲା, ବରଂ କଂଗ୍ରେସର ମେଣ୍ଟ ଦଳମାନେ, ଯେଉଁସବୁରେ ବଂଶବାଦ ରହିଛି, ସେମାନଙ୍କର ବାସ୍ତବବାଦୀ ପ୍ରଚାର ଆଗରେ ଏହା ମଳିନ ପଡ଼ି ଯାଇଥିଲା, ଯାହାର ପରିଣତି ସ୍ୱରୂପ ଇଣ୍ଡି ମେଣ୍ଟ ଆପାତତଃ ଭଲ ପ୍ରଦର୍ଶନ କରିଛି । ବର୍ତ୍ତମାନ ଯାହା ଜଣାପଡ଼ିଛି, ୱେ ୟନାଡ୍ ଆସନରେ ଶ୍ରୀମତୀ ଭଦ୍ରାଙ୍କର ପ୍ରମୁଖ ପ୍ରତିଦ୍ୱନ୍ଦୀ ସିପିଆଇ ଦଳର ପ୍ରାର୍ଥୀ ହେବାକୁ ଯାଉଛନ୍ତି । ସିପିଆଇ ଇଣ୍ଡି ମେଣ୍ଟର ଏକ ଅଂଶୀଦାର। ତେଣୁ ୟନାଡ୍‌ର ଉପନିର୍ବାଚନ ଜାତୀୟ ସ୍ତରରେ ଉତ୍କଣ୍ଠାର ବିଷୟ ପାଲଟିବାକୁ ଯାଉଥିବା ବେଳେ ଅନ୍ୟ ଏକ ଉତ୍କଣ୍ଠାର ପ୍ରସଙ୍ଗ ହେବାକୁ ଯାଉଛି ଗୋଟିଏ ମେଣ୍ଟର ଦୁଇ ପ୍ରାର୍ଥୀ ନିର୍ବାଚନ ପ୍ରଚାର ସମୟରେ ପରସ୍ପରଙ୍କ ପ୍ରତି କିପରି ବାକ୍ୟବାଣ ପ୍ରୟୋଗ କରିବେ ବା କେଉଁସବୁ ବିପରୀତାତ୍ମକ କଥା କହିବେ।



## ଆନ୍ତର୍ଜାତୀୟ ଯୋଗ ଦିବସ

**ବିଶ୍ୱବିଜୟୀ ଦାଶ**

ଆନ୍ତର୍ଜାତିକ ଯୋଗ ଦିବସ ବିଶ୍ୱବ୍ୟାପୀ ଜୁନ ୨୧ ତାରିଖରେ ପାଳନ ହୁଏ।ଶରୀରକୁ ସୁସ୍ଥ, ମନକୁ ଶାନ୍ତ ଓ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ସାରା ବିଶ୍ୱରେ ଏହି ଯୋଗ ଦିବସ ପାଳନ କରାଯାଉଛି।

ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ଯେ ସମ୍ଭବ, ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି।

ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ଆଣିବା ଲାଗି ଏକ ସିଦ୍ଧ ଉପଚାର। ୨୦୧୪ ସେପ୍ଟେମ୍ବର ୨୭ରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଆମେରିକାର ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେସନକୁ ପ୍ରଥମ କରି ସମ୍ବୋଧିତ କରି ଅଭିଭାଷଣରେ କହିଥିଲେ ଯେ, 'ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଜଳବାୟୁ ପରିବର୍ତ୍ତନ ହେବା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ଆମ ଭାରତୀୟ ସଂସ୍କୃତିରେ ଏହାର ମୁକାବିଲା କରିବା ପାଇଁ ଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଯୋଗକୁ କେବଳ ବ୍ୟାୟାମରେ ସୀମିତ ନରଖି ଶାସ୍ତ୍ରାନୁସାରେ ପରିବ୍ୟାପ୍ତ କରାଗଲେ ସବୁକିଛିର ପରିବର୍ତ୍ତନ କରାଯାଇପାରିବ। ତେଣୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଦିବସ ପାଳନ କରାଯିବା ଉଚିତ ।'

ଏହାପରେ ଆନ୍ତର୍ଜାତିକ ସ୍ତରରେ ଏହାକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧, ୨୦୧୪ରେ ସଂକଳ୍ପ ନିଆଯାଇଥିଲା। 'ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ।ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି।

ଆନ୍ତର୍ଜାତିକ ଯୋଗ ଦିବସ ପାଳନର ପ୍ରଥମ ବର୍ଷ ୨୦୧୫ ମସିହା ଥିଲା।



ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟଦ୍ୱାରା ଅୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ

ନୂଆଦିଲ୍ଲୀର ରାଜପଥଠାରେ ୮୪ ଦେଶର ୩୫,୯୮୫ ଜଣ ଅଂଶଗ୍ରହଣକାରୀ ଭାଗନେଇ ଦୁଇଟି ଗିନିସ ବର୍ଲ୍ଡ ରେକର୍ଡ ସ୍ଥାପନ କରିଥିଲେ।ଏଥିରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିୱାଲା, କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ସେନା ଓ ପୋଲିସର ଯବାନ, ପ୍ରଶାସନିକ ଅଧିକାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଅଧାଘଣ୍ଟା ଧରି ଯୋଗ କରିଥିଲେ।ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ବହୁ କେନ୍ଦ୍ରମନ୍ତ୍ରୀ, ବ୍ୟୁରୋକ୍ରାଟ, କୂଟନୈତିଜ୍ଞ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିଲେ।ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ୨ ହଜାର ଡିଜିଟାଲ ସିନେମା ସ୍କ୍ରିନ ବ୍ୟବସ୍ଥା କରାଯାଇଥିଲା।ଏହି ଆୟୋଜନ ୧୦ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଥିଲା। ୧୦ ବର୍ଷ ତଳେ ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ୱାଲିଅରରେ ୧୯,୯୭୩ ଜଣ ଲୋକ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଯୋଗାଭ୍ୟାସ କରିଥିଲେ । ଆଉ ଏହା ବିଶ୍ୱ ରେକର୍ଡ ହେବା ସହିତ 'ଗିନିଜ ବୁକ ଅଫ ବର୍ଲ୍ଡ ରେକର୍ଡ'ରେ ସ୍ଥାନିତ ହୋଇଥିଲା । ଏହା ସହିତ ଦେଶର ସ୍କୁଲ, କଲେଜ ଭଳି ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଘରୋଇ ଓ ସରାକାରୀ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଯୋଗ ଦିବସ ପାଳନ କରିଥିଲେ । ସେହିପରି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିଲା।

ପ୍ରାୟ ୧୯୧ଟି ଦେଶର ୨୫୧ଟି ସହରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା। ନିୟୁର୍କ ସ୍ଥିତ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖ ରେ ଆନ୍ତର୍ଜାତୀୟ, ରାଜ୍ୟ ସ୍ତରୀୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଯୋଗ ଦିବସ ପାଳନ କରାଯାଇଥାଏ। ଯୋଗ କରିବା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ନିତିଦିନଆ ଜୀବନରେ ଖାଦ୍ୟ ପାନୀୟ ପରି ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯୋଗ ପ୍ରତି ସମସ୍ତଙ୍କର ଭଲ ଧାରଣା ଥିବାବେଳେ ଏହା ଉପରେ ବେଶ ବିଶ୍ୱାସ ରହିଛି। ଡ଼ାକ୍ତରମାନେ ମଧ୍ୟ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥାଆନ୍ତି। ଡ଼ାକ୍ତରଙ୍କ ମତାନୁଯାୟୀ ଔଷଧ ସହ ଶରୀର ପାଇଁ ଯୋଗ ମଧ୍ୟ ଆବଶ୍ୟକ। ବଡରୁ ବଡ ରୋଗକୁ ମାତ୍ ଦେଉଛି ଏହି ଯୋଗ।

ଯେଉଁ ପ୍ରକାରେ ମନୁଷ୍ୟ ଜୀବିତ ରହିବା ପାଇଁ ଭୋଜନ, ନିଦ୍ରା, ନିତ୍ୟକର୍ମ ଓ ଉପାସନା ଆବଶ୍ୟକ ସେହିପରି ସକ୍ରିୟ, ପ୍ରସନ୍ନତା ପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଯୋଗ କରିବା ଉଚିତ। ମୁନି ଋଷିମାନେ ଗଭୀର ସାଧନା ତଥା ଚିନ୍ତନ ଦ୍ୱାରା ଯୋଗ ସାଧନାର ପଥ ପ୍ରଶସ୍ତ କରିଥିଲେ। ଯୋଗର ବିଭିନ୍ନ ପ୍ରକାର ଆସନ ରହିଛି। ବିଭିନ୍ନ ପ୍ରକାରର ଯୋଗାସନ ଅଭ୍ୟାସ କରିବା ଦ୍ୱାରା ଜୀବନରେ ନୂତନତା ଭରିଯାଏ ଓ ପ୍ରଫୁଲ୍ଲିତ ଅନୁଭବ ହୋଇଥାଏ। ଶାରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିଥାଏ। ଶରୀରିକ, ମାନସିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ବିକାଶ ପାଇଁ ମଧ୍ୟ ଯୋଗାସନର ବିଶେଷ ମହତ୍ତ୍ୱ ରହିଛି।

ଏହା ଏକ ଦୃଢ ମନ ତଥା ସୁସ୍ଥ ଶରୀର ଗଠନରେ ମଧ୍ୟ ସହାୟକ ହୋଇଥାଏ।ମାନସିକ, ଶାରିରୀକ ଓ ମନସ୍ତାତ୍ତ୍ୱିକ ଆହ୍ୱାନଗୁଡିକର ସମ୍ମୁଖୀନ ହେବା ପାଇଁ ଯୋଗ ସାହାଯ୍ୟ କରିଥାଏ ।

+ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ:୬୩୭୦୨୦୮୪୨୮

## ଦୈନନ୍ଦିନ ଜୀବନରେ ଯୋଗ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଯୋଗ ଏମିତି ଏକ ସୁଅଭ୍ୟାସ ବା ସାଧନା, ଘୋର ସମରକ୍ଷେତ୍ରରେ ମଧ କାମରେ ଲାଗିଥାଏ। ତା ନହୋଇଥିଲେ କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଶିଷ୍ୟ ଅର୍ଜୁନଙ୍କୁ ଯୋଗର ୧୮ ଅଧ୍ୟାୟ ବୁଝାଇ ନଥାନ୍ତେ। ଯେଉଁ ଯୋଗ ଯୁଦ୍ଧ କ୍ଷେତ୍ରରେ ଆବଶ୍ୟକ ହେଉଛି, ଦୈନନ୍ଦିନ ଜୀବନରେ ତାର ଆବଶ୍ୟକତା ନାହିଁ କେମିତି ? ଅନେକ ଲୋକ ଯୋଗ ଉପରେ ବଡ଼ ବଡ଼ ଶୁଷ୍କ ଭାଷଣ ଦିଅନ୍ତି, ଅନେକ ଲୋକ ଯୋଗ ବିଷୟରେ ପଢ଼ନ୍ତି, ଶୁଣନ୍ତି, ସାଧନା ବି କରନ୍ତି। କିନ୍ତୁ ଏପରି କେତେକ ଲୋକ ଅଛନ୍ତି, ଯୋଗକୁ ଜୀବନଯାପନର କଳା ମନେକରି ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ହିଁ ତାର ପ୍ରୟୋଗ କରନ୍ତି। ସତ କହିଲେ, ଏହିମାନେ ହିଁ ପ୍ରକୃତ ଯୋଗୀ। ଯୋଗ ଏମିତି ଏକ ବିଦ୍ୟା ଦୈନନ୍ଦିନ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ହିଁ ତାର ଆବଶ୍ୟକତା ଅଛି।

ଶ୍ରୀମଦ୍ ଭଗବଦ ଗୀତାର ଯୋଗ ତ ଏଇଠାରୁ ଆରମ୍ଭ ହୋଇଛି। ସାଂସାରିକ ଜୀବନ ବିତାଉଥିବା ମୋହଗ୍ରସ୍ତ ଅର୍ଜୁନ ଯେତେବେଳେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ କହିଲେ - 'କାର୍ପଣ୍ୟ ଦୋଷୋପହତ ସ୍ୱଭାବଃ, ପୃଚ୍ଛାମି ତ୍ୱାଂ ଧର୍ମ ସଂମୂଢ଼ଚେତାଃ। ଯେଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହିତନ୍ମେ, ଶିଷ୍ୟସ୍ତେହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍।।' ଅର୍ଥାତ୍ ହେ ପ୍ରଭୁ ! ମୋ ହୃଦୟ ଦୁର୍ବଳତାରେ ବଶୀଭୂତ ହୋଇଯାଇଛି। ମୋ ମନ କର୍ତ୍ତବ୍ୟ ବିଷୟରେ ଭ୍ରାନ୍ତ ହୋଇଯାଇଛି। ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ ଶ୍ରେୟ, ତାହା ନିଶ୍ଚିତ ରୂପେ ବୁଝାଇ ଦିଅନ୍ତୁ। ଭଗବାନ ସେତେବେଳେ ତାଙ୍କୁ କହିଲେ - 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଅହଂ ତ୍ୱା ସର୍ବପାପୋଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।।' ଅର୍ଥାତ୍ ହେ ଅର୍ଜୁନ ! ସମସ୍ତ ଦେହଧର୍ମ ତ୍ୟାଗ କରି ତୁମେ କେବଳ ମୋର ଶରଣ ନିଅ। ମୁଁ ତୁମକୁ ସବୁ ପାପରୁ ମୁକ୍ତ କରିଦେବି। ତୁମେ ଶୋକ କରନାହିଁ। ମୋର ଶରଣ ନିଅ, ଅର୍ଥାତ୍ ନିଜକୁ ଦେହ, ପ୍ରାଣ, ମନ ନ ଭାବି ଆତ୍ମା ବୋଲି ଭାବି ତାହାରି ଶରଣ ନିଅ।

ଭଗବାନ କଥା ଅର୍ଜୁନ ବୁଝିଗଲେ। ସେ ନିଜ ଜୀବନରଥର ସଞ୍ଚାଳନ ଦାୟିତ୍ୱ ଭଗବାନଙ୍କ ଉପରେ ନ୍ୟସ୍ତ କରିଦେଲେ। ନିଜ ଭିତରେ ଥିବା କାମ, କ୍ରୋଧ, ଲୋଭ ଆଦି ମନ୍ଦଗୁଣ ସହିତ, ଅବିଦ୍ୟା ସହିତ ସଂଘର୍ଷ କରିବାକୁ ଲାଗିଲେ। ଏହିଭଳି ସଂଘର୍ଷ କରି ସେ ଜଣେ ମହାନ ଯୋଦ୍ଧା ବା ଯୋଗୀରେ ପରିଣତ ହେଲେ।

ଏଥିରୁ ଆମର ଅନେକ କିଛି ଶିକ୍ଷା କରିବାର ଅଛି। ନିଜର ସ୍ୱରୂପ ଭୁଲିଯାଇଥିବା ବ୍ୟକ୍ତି ହିଁ ନିଜକୁ ଦୁର୍ବଳ ମନେକରି ଭୟଭୀତ ହୋଇଥାଏ। ଜଣେ ଯେତେବେଳେ ନିଜର ସ୍ୱରୂପକୁ ଜାଣିଯାଏ, ନିଜର ପ୍ରଯତ୍ନ ଓ ପୁରୁଷାର୍ଥ ଉପରେ ବିଶ୍ୱାସ ରଖି କାର୍ଯ୍ୟ କରିଯାଏ, ସେ ଦିନେ ନିଶ୍ଚିତ ରୂପେ ସଫଳ ହୁଏ। ଆମ ଭିତରେ ଯେତେ ଦୋଷ ଦୁର୍ବଳତା ମନ୍ଦ ଗୁଣ ଥିଲେ ବି ଆମେ ଯଦି ପ୍ରଯତ୍ନ କରିବା ତେବେ ଅର୍ଜୁନଙ୍କ ପରି ଯୋଗୀଟିଏ ହୋଇପାରିବା। ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ଖାଲି ପ୍ରଯତ୍ନ ପୁରୁଷାର୍ଥରେ କାମ ହୁଏନା, ପରମ ଗୁରୁ ଭଗବାନଙ୍କ କୃପା ଆମ ଉପରେ ଥିବା ଆବଶ୍ୟକ। ଏ ସମ୍ପର୍କରେ କଠୋପନିଷଦ କହନ୍ତି - 'ନୟମାତ୍ମା ପ୍ରବଚନେନ ଲଭ୍ୟୋ, ନ ମେଧୟା ନ ବହୁନା ଶ୍ରୁତେନ। ଯମେବୈଷ ବୃଣୁତେ ତେନ ଲଭ୍ୟ, ସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୁଂ ସ୍ୱାମ୍।' ଆଧ୍ୟାତ୍ମିକ ପ୍ରବଚନ ଦ୍ୱାରା, ତୀକ୍ଷ୍ଣ ବୁଦ୍ଧିଦ୍ୱାରା, ବହୁଶାସ୍ତ୍ର ଅଧ୍ୟୟନ ଦ୍ୱାରା କାହାରିକୁ ଏଇ ଆତ୍ମ ପ୍ରାପ୍ତି ହୁଅନ୍ତି ନାହିଁ। ଈଶ୍ୱର ଯାହାଙ୍କ ପ୍ରତି କୃପା କରନ୍ତି, ସେହି ବ୍ୟକ୍ତି ହିଁ ପରମାତ୍ମାଙ୍କୁ ଲାଭ କରିପାରନ୍ତି। ଈଶ୍ୱରଙ୍କ କୃପା ସେହି ବ୍ୟକ୍ତିକୁ ମିଳେ, ଯିଏ ନିଜର ଦିନଚର୍ଯ୍ୟାରେ ନିୟମବଦ୍ଧ ହୁଏ। ଈଶ୍ୱରୀୟ ନିୟମରେ ଜୀବନ ନିର୍ବାହ କରେ। ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ କରିବାକୁ ପୁରୁଷାର୍ଥ କରେ।

+'ଧ୍ୱନୀ' ମେଟ୍ରୋପ୍ଲାଜା,
କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦

## ଜପଯୋଗ ସାଧନା

**ପୁଷ୍ପମିତ୍ର ମହାପାତ୍ର**

ଅନ୍ୟାନ୍ୟ ଯୋଗରେ ଯେମିତି ଈଶ୍ୱର ସାକ୍ଷାତକାର, ଆନନ୍ଦମୟ ଜୀବନ ଏବଂ ଅମୃତତ୍ୱ ଲାଭ ହୁଏ, ଜପଯୋଗରେ ମଧ୍ୟ ସେ ସବୁ ଲାଭ ହୁଏ। ଜପ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ସାଧନା। ରାଜଯୋଗରେ ଯେପରି ଆପଣ ଇନ୍ଦ୍ରିୟର ଦାସ ନହୋଇ ମନ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରିବେ, ଜପଯୋଗରେ ମଧ୍ୟ ସେସବୁକୁ ନିୟନ୍ତ୍ରଣରେ ରଖିପାରିବେ। ଜପଦ୍ୱାରା ସଂକଳ୍ପ ଶକ୍ତି ବୃଦ୍ଧି ପାଇଥାଏ। ଶ୍ୱାସ ପ୍ରଶ୍ୱାସର ସଂଖ୍ୟା କମିଯାଇ ଆୟୁବୃଦ୍ଧି ହୋଇଥାଏ। ଜପଯୋଗରେ ସିଦ୍ଧିଲାଭ କରିବାକୁ ହେଲେ ଆପଣଙ୍କୁ ସର୍ବନିମ୍ନ କେତୋଟି ଅନୁଶାସନ ମାନି ଚଳିବାକୁ ପଡ଼ିବ। ଏ ସମ୍ପର୍କରେ ମହାଯୋଗୀ ଶିବାନନ୍ଦଙ୍କ ପରାମର୍ଶ ନିମ୍ନରେ ପ୍ରଦତ୍ତ ହେଲା।

ଜପର ପ୍ରକୃଷ୍ଟ ସମୟ ହେଉଛି - ସକାଳ ବ୍ରାହ୍ମମୁହୂର୍ତ୍ତ ଏବଂ ସୂର୍ଯ୍ୟାସ୍ତ ସମୟ। ଏହି ସମୟରେ ସର୍ବତ୍ର ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ। ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ, ନିୟମିତ ଆସନରେ ବସି ଜପ କରିବା ଲାଭପ୍ରଦ। ବନ୍ଦ କଠୋରିରେ ବସି ଜପ କଲାବେଳେ କେହି ଯେମିତି ଆପଣଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ନକରନ୍ତି, ସେ କଥା ପରିବାର ଲୋକଙ୍କୁ କହିଦେବା ଉଚିତ। ସୁଖ ଆସନରେ ବସିଲେ ମନ ସ୍ଥିର ରହେ। ଏହା ରଜୋଗୁଣକୁ ନିୟନ୍ତ୍ରଣ କରେ। ଜପ ସରିବା ପର୍ଯ୍ୟନ୍ତ ପୁରା ସମୟ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥିର ଆସନରେ ମେରୁଦଣ୍ଡ ସିଧା ରଖି ବସି ରହନ୍ତୁ। ଆଦୌ ହଲଚଲ ହୁଅନ୍ତୁ ନାହିଁ। ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ ବସି ଜପ କରନ୍ତୁ। ଏହାଦ୍ୱାରା ଜପ ଉପରେ ସେ ଦିଗର ସୂକ୍ଷ୍ମ ପ୍ରଭାବ ପଡ଼େ ଏବଂ ଜପ ଅଧିକ ଶକ୍ତିଶାଳୀ ହୁଏ। ଜପ କଲାବେଳେ ଉପଯୁକ୍ତ ଆସନରେ ବସିଲେ ଶକ୍ତି କ୍ଷୟ ହୁଏନାହିଁ। ଆସନ ରୂପେ କୁଶାସନ, କମ୍ବଳ କିମ୍ବା ମୃଗଚର୍ମ ବ୍ୟବହାର କରିବା ଉଚିତ। କୁଶ ଚଟେଇ, ମୃଗଚର୍ମ ଓ ଶୁଭ୍ର ବସ୍ତ୍ର କ୍ରମଶଃ ଗୋଟିକ ଉପରେ ଅନ୍ୟଟି ପକାଇ ଆସନ ପ୍ରସ୍ତୁତ କରନ୍ତୁ। ଜପ ହେଉ କିମ୍ବା ଅନ୍ୟ କୌଣସି ଆଧ୍ୟାତ୍ମିକ ସାଧନା ହେଉ ଈଶ୍ୱରଙ୍କ କୃପା ଏକାନ୍ତ ଆବଶ୍ୟକ। ଏହା ବିନା ଉଚ୍ଛୃଙ୍ଖଳ ମନକୁ ସଂଯତ କରିବା ଅସମ୍ଭବ ହୋଇଯାଏ। ତେଣୁ ଉପଯୁକ୍ତ ସ୍ତୋତ୍ର ବା ପ୍ରାର୍ଥନା ଦ୍ୱାରା ଇଷ୍ଟଦେବଙ୍କୁ ଆବାହନ କରି ଜପରେ ବସିବା ବିଧେୟ। ଜପ କରିବା ସମୟରେ ମନ୍ତ୍ରଟି ସ୍ପଷ୍ଟ ରୂପେ ଠିକ ଠିକ ଉଚ୍ଚାରଣ କରନ୍ତୁ। ଯଦି ଉଚ୍ଚାରଣ ସ୍ପଷ୍ଟ ଓ ନିର୍ଭୁଲ ହୁଏ, ତେବେ ମନ୍ତ୍ରଶକ୍ତି ଶୀଘ୍ର ଜାଗ୍ରତ ହୁଏ। ମନ ସହଜରେ ଏକାଗ୍ର ଏବଂ ସମୁନ୍ନତ ହୁଏ। ଜପ ପାଇଁ ଗାୟତ୍ରୀ ମନ୍ତ୍ର ସର୍ବୋତ୍କୃଷ୍ଟ। ଜପ ସମୟରେ ସତର୍କତା ଓ ସାବଧାନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଁ ଆଜି ଦାମାଳା ଜପ କରିବି ଏବଂ ସେତିକି ମାଳା ଜପ କରି ନସାରିବା ପର୍ଯ୍ୟନ୍ତ ଆସନରୁ ଉଠନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ସଂକଳ୍ପ ଶକ୍ତି ବଢ଼ିବ। ମନ ଉପରେ ମଧ୍ୟ ନିୟନ୍ତ୍ରଣ ଆସିଯିବ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆବଶ୍ୟକ ସଂଖ୍ୟକ ଜପ ନସାରିବା ପର୍ଯ୍ୟନ୍ତ ସାଧନା ଭଙ୍ଗ କରନ୍ତୁ ନାହିଁ। ବୈଷୟିକ ଚିନ୍ତା କରିବା, ଭବିଷ୍ୟତ ଯୋଜନା କରିବା ପ୍ରଭୃତି ହେଉଛି ସାଧନାଭଙ୍ଗ। ଯଦି ଦୁଇମାଳା ଜପ କରିବା ପରେ କୌଣସି ତ୍ରୁଟି ହୋଇଯାଏ ତେବେ ସେଇ ଦୁଇମାଳକୁ ନିଜର ଜପ ସଂଖ୍ୟାରେ ଗଣନ୍ତୁ ନାହିଁ। ଆପଣଙ୍କୁ ପୁଣି ଥରେ ଜପ ଆରମ୍ଭ କରିବାକୁ ହେବ ଓ ଦଶମାଳା ପର୍ଯ୍ୟନ୍ତ ଜପ କରିବାକୁ ପଡ଼ିବ। ଜପ କରିବାର କିଛି ସମୟ ପରେ ଯଦି ମନ ଥକିଯାଏ, ଆପଣଙ୍କ ଅଜ୍ଞାତସାରରେ ଏଣେତେଣେ ବୁଲିବାକୁ ଲାଗେ, ଆପଣ ନିଦ୍ରାଭିଭୂତ ହୋଇଯାଆନ୍ତି, ତେବେ ସାଧନା ଭଙ୍ଗ ହେବ। ଏପରି ଅବସ୍ଥା ଆସିବାକୁ ଦିଅନ୍ତୁ ନାହିଁ। ସେଭଳି ଉନ୍ନତ ସାଧକ ନହେବା ପର୍ଯ୍ୟନ୍ତ ବିନା ମାଳାରେ ଜପ କରନ୍ତୁ ନାହିଁ। ମାଳାର ବ୍ୟବହାର ସତର୍କ ରହିବାରେ ସାହାଯ୍ୟ କରେ ଏବଂ ସେଥିରୁ ସତତ ଜପ ଚାଲୁ ରଖିବାକୁ ପ୍ରେରଣା ମିଳେ। ଜପ ବିଭିନ୍ନ ପ୍ରକାରର ଅଛି। ସେଥିମଧ୍ୟରୁ ମାନସିକ ଜପ ସବୁଠାରୁ ଅଧିକ ଶକ୍ତିଶାଳୀ। ଏହା ମନରେ କୁପ୍ରବୃତ୍ତିଗୁଡ଼ିକୁ ତତ୍କ୍ଷଣାତ ନିଷ୍କ୍ରିୟ କରିଦିଏ ଓ ମନକୁ ଶୁଦ୍ଧ କରିହୁଏ। ଜପ କରିବା ସଙ୍ଗେ ସଙ୍ଗେ ଧ୍ୟାନ କରନ୍ତୁ ଯେ, ଭଗବାନ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି। ପ୍ରଭୁଙ୍କର ମନୋହର ମୂର୍ତ୍ତିର ମାନସିକ ଚିତ୍ରଣ କରନ୍ତୁ। ଏହି ଅଭ୍ୟାସ ଦ୍ୱାରା ଆପଣଙ୍କ ସାଧନାକୁ ବିଶେଷ ଶକ୍ତି ମିଳିବ। ଏହି ଅଭ୍ୟାସ ଫଳରେ ମନ ଈଶ୍ୱରଙ୍କ ରୂପରେ ସ୍ଥିର ହୋଇଯାଏ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟ ଆଡ଼କୁ ଦୌଡ଼ିବାକୁ ସୁଯୋଗ ପାଏନାହିଁ। ଈଶ୍ୱରଙ୍କ ଉପସ୍ଥିତି ରୂପୀ ଆନନ୍ଦ ପାଖରେ ଇନ୍ଦ୍ରିୟ ସୁଖ କଣ କୁଟାଖଣ୍ଡେ ପରି ତୁଚ୍ଛ ନୁହେଁ ? ଜପ ସମାପ୍ତ ହେବା ସଙ୍ଗେ ସଙ୍ଗେ ଆସନରୁ ଉଠି ପଡ଼ନ୍ତୁ ନାହିଁ କିମ୍ବା ସମସ୍ତଙ୍କ ସହିତ ମିଶନ୍ତୁ ନାହିଁ। ସାଂସାରିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଯାଆନ୍ତୁ ନାହିଁ। ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ ବସି ରହନ୍ତୁ। ଈଶ୍ୱର୍କୁ ଗୁଣୁ ଗୁଣୁ ହୋଇ ପ୍ରାର୍ଥନା କରନ୍ତୁ। ତାଙ୍କର ଅସୀମଗୁଣ ଏବଂ ପ୍ରେମ ବିଷୟରେ ଚିନ୍ତା କରନ୍ତୁ। ତା ପରେ ଭକ୍ତିପୂର୍ଣ୍ଣ ସାଷ୍ଟାଙ୍ଗ ପ୍ରଣାମ କରି ସ୍ଥାନ ତ୍ୟାଗ କରନ୍ତୁ ଏବଂ ନିଜର ଦୈନନ୍ଦିନ କର୍ମ ଆରମ୍ଭ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଶରୀରରେ ଆଧ୍ୟାତ୍ମିକ ସ୍ପନ୍ଦନ ଠିକ ରହିବ। ଜପ ଯୋଗ ସାଧନା ସମୟରେ ଆପଣ ଅଶ୍ଳୀଳ ବା କଠୋର ବାକ୍ୟ କହିବା ଉଚିତ ନୁହେଁ। ଆପଣଙ୍କ ଖାଦ୍ୟ ସାତ୍ତ୍ୱିକ ହେବା ଆବଶ୍ୟକ ଏବଂ ଆପଣ ସାଧାରଣ ପୋଷାକ ପରିଧାନ କରିବା ଉଚିତ। ସିନେମା, ଟିଭି ଏସବୁ ଦେଖିବା ଠିକ ନୁହେଁ। ନିଜ ମନକୁ ସର୍ବଦା ଈଶ୍ୱରଙ୍କ ରୂପରେ ସଂଲଗ୍ନ କରି ରଖିବା ଉଚିତ। ଯେ କୌଣସି ରୂପ ଦେଖୁଛନ୍ତି ସେଥିରେ ଈଶ୍ୱରଙ୍କୁ ଦର୍ଶନ କରିବା ଉଚିତ। ଆପଣ ସର୍ବଦା ଗୁଣୁଗୁଣୁ ହୋଇ ଗାଇବା ଉଚିତ - 'ଓଁ ଭଦ୍ରଂ କର୍ଣ୍ଣେଭିଃ ଶ୍ରୁଣୁୟାମ ଦେବାଃ, ଭଦ୍ରଂ ପଶ୍ୟେମାକ୍ଷଭିୟଂ ଜତ୍ରାଃ। ସ୍ଥିରୈ ରଙ୍ଗୈ ସ୍ତୁଷ୍ଟୁବାଁ ସସ୍ତନୂଭି, ର୍ବ୍ୟଶେମ ଦେବହିତଂ ଯଦାୟୁଃ। ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ମୋ : ୯୪୩୭୨୨୫୬୮୯

## କପାଳ ଲିଖନ୍

**ଅବନ୍ତୀ ପଣ୍ଡା**

ମହାପ୍ରଭୁଙ୍କର ଆଶିଷରୁ ମିଳେ
ଦୁର୍ଲ୍ଲଭ ମଣିଷ ଜୀବନ
ଜନମର ସାଥେ ଲେଖିଦିଏ ବିହି
ନିଜର କପାଳ ଲିଖନ
କୁକର୍ମ ସୁକର୍ମ ପ୍ରାରବ୍ଧର କର୍ମ
ଅନୁସାରେ ମିଳେ ଫଳ
ବିଧିର ନିର୍ଦ୍ଦେଶ ମାନିବାକୁ ହେବ
କେବେ ନ ହେବ ବିଫଳ
ନିଶି ପାହିଥିଲେ ଅଯୋଧ୍ୟା ନଗରେ
ହୋଇଥାନ୍ତେ ରାଜା ରାମ
ତେଜି ରାଜଭୋଗ ଗଲେ ବନବାସ
ଏ ତ କପାଳ ଲିଖନ
କପାଳ ଲିଖନ ଯୋଗୁଁ ନଳ ରାଜା
କାଟିଥିଲେ ଘୋଡାଘାସ
ମହାଦାନୀ ରାଜା ହରିଶ୍ଚନ୍ଦ୍ର ପୁଣି
ଶ୍ମଶାନରେ କଲେ ବାସ
ଦ୍ୱାପର ଯୁଗରେ କୃଷ୍ଣ ଅବତାରେ
ସ୍ୱୟଂ ପ୍ରଭୁ ହୃଷୀକେଶ
ଚକ୍ଷୁର ସମକ୍ଷେ ଦେଖିଲେ ବିବସେ
ନିଜ ବଂଶର ବିନାଶ
ହେଲେ ହେଉ ରାଜା କି ଅବା ଭିକାରୀ
ନାହିଁ କେହି ବଡ ସାନ
କପାଳ ଲିଖନ ହେବ ଭୋଗିବାକୁ
ନେଲ ଧରାଧାମେ ଜନ୍ମ
ଫଳ ଆଶା ତେଜି ଯିବା କର୍ମ କରି
ଭାଗ୍ୟେ ଥିଲେ ଯାହା ଥାଉ
ସତ୍ ମାର୍ଗେ ସତ୍ କର୍ମ କରି ଚାଲିଥିଲେ
ସାହା ହେବେ ମହାବାହୁ ।

+ ସାଦେଇପୁର
ମୋ:୯୮୬୧୬୨୮୭୯୨

## ମହାନାୟକ

**ସୁଧାକର ରାଉତ**

କେତେ ବା କରିଥାନ୍ତ ସଂଘର୍ଷ
ସହିଥାନ୍ତ ଚରିତ୍ର ସଂହାର
ବ୍ୟକ୍ତି କୈନ୍ଦ୍ରିକ ଆରୋପ ରେ
ହୋଇଥାନ୍ତ ଆତୁର ।
ଅସରନ୍ତି, ଅସହ୍ୟ ଗ୍ଲାନି
କ୍ଷୋଭର ଅଫୁରନ୍ତ ଜୁଆର
ସଞ୍ଚିତ ସେ ହୋଇଥିଲା
ସତେ ଅବା କେଉଁ ଯୁଗର ।
ଆଗ୍ନେୟଗିରି ଟା ସତେ
ହେଲା ବିସ୍ଫୋରଣ
ତୁମେ କିନ୍ତୁ ନୀରବ, ନିର୍ବିକାର
ଆକ୍ଷେପ, ଅପମାନ ମାନେ
ଢୋଳାଇଲେ ଆସି ତୁମ ପାଶେ
ଶବ୍ଦର ଅଠାମାନେ ନ ଲାଗିଣ
ତୁମ ଭଳି ସ୍ଥିତ ପ୍ରଜ୍ଞା ବଶେ ।
ଧୈର୍ଯ୍ୟର ତୁମେ ସୀମାହୀନ ସାଗର
ଦିଗବଳୟ ସ୍ପର୍ଶକରେ
ଉଦାର ହୃଦୟ ତୁମର ।
ଅଚଞ୍ଚଳ, ସ୍ଥିର ତୁମେ ଗତି
ଅସ୍ମିତା ରେ ପରିପୂର୍ଣ୍ଣ
ତୁମର ସମ୍ମତି ।
କେଉଁ ଯାଦୁକରୀ ମନ୍ତ୍ରେ
ଗଢା ସେ ଶରୀର
ସୁଖଦାୟୀନି ସ୍ୱରେ ତୋଷ
କର ଶବ୍ଦ ନିନ୍ଦୁକର ।
ବନ୍ଧୁର ପଥେ ଧାଇଣ
ମୁକତି ର ମାର୍ଗ
ପ୍ରଦର୍ଶନ କରିଅଛ ଆହେ ମହାଭାଗ।
ଉଚ୍ଛୁଳା ମୁରୁକି ହସ
ତଥାପି ଓଠ ରେ
ଲାଖିଛି ପୂର୍ବବତ୍
ଭରା ରହିଛି ତହିଁରେ ଖାଲି ଅନୁରାଗ।

+ପ୍ରତାପ ନଗରୀ କଟକ
ମୋ - ୮୨୪୯୯୩୨୭୯୨

## ଫେରେ ନାହିଁ

**ଧ୍ରୁବ ଚରଣ ଘିବେଲା**

ବହିଗଲା ପାଣି କେବେ ବି
ଫେରେନି
ତଳକୁ ତଳକୁ ବହେ
କହିଦେଲା କଥା ଫେରେଇ ହୁଏନି
ଯିଏ ଯାହା ଯେବେ କୁହେ ।

ଧନୁରୁ ସେମିତି ଖସିଗଲେ ତୀର
ଆଉ କି ସେ ତୀର ଫେରେ
ଦେହରୁ ବୟସ ଖସେ
ଧିରେ ଧିରେ
ଅଫେରା ବୟସ ସରେ ।

ବୟସର ଛାପ ଦେହେ ବାରିହୁଏ
ବୟସ ବଢ଼ିଚାଲିଲେ
ସେଇ ଦେହେ ଆସେ
ଯୌବନ ବାର୍ଦ୍ଧକ୍ୟ
ଶୈଶବ କୈଶୋର ପରେ ।

ସମୟର ସୁଏ ବୟସ ବି ହଜେ
ଦେହ ଶରୀର ବୃକ୍ଷରେ
ଆକାଶୁ ଖସିଲା ବର୍ଷା ଜଳ ଧାରା
ସେକ୍ଷଣି ଆଉ କି ଫେରେ ?

ଜୀବନେ ହଜିଲା ପିଲାଦିନ କାଳ
କାହା ଜୀବନେ ଫେରିନି
ହେଲେ ପିଲାଦିନ କଥା
ଗାଥା କେତେ
ସ୍ମୃତି- ପେଡ଼ିରୁ ହଜେନି ।

କଥା ତୀର ଯାହା ଛାଡ଼ିବା ଆଗରୁ
ଲୋଡ଼ା ଉତ୍ତମ ନିଷ୍ପତ୍ତି
କଡ଼ା କଥା କହି ଆନେ ଦୁଃଖ ଦେବା
କେବେ କେବେ ତା' ଅଠିକି ।

ସମୟ ଫେରେନି ଫେରି ବି ଆସେନି
ସଦା ବେଳେ ଅଣଲେଉଟା
ଯେତେବେଳେ ଯାହା ହେବା
କଥା ହୁଏ
ସ୍ମୃତି ଯାହା ରହେ ସାଇତା ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

# ମୋ କ୍ୟାରିୟର ବର୍ବାଦ ହୋଇଗଲା: ସ୍ୱରା ଭାସ୍କରା



ସ୍ୱରା ଭାସ୍କରା ଅନେକ ବଲିଉଡ ଫିଲ୍ମରେ କାମ କରିଛନ୍ତି। ଅବଶ୍ୟ, ଗତ ଦୁଇ ବର୍ଷ ଧରି ସେ ସିନେ ପରଦାଠାରୁ ଦୂରରେ ଅଛନ୍ତି । ତାଙ୍କୁ ଶେଷ ଥର ପାଇଁ ୨୦୨୨ ମସିହାରେ ଚଳଚ୍ଚିତ୍ର 'ଜହାଁ ଚାର ୟାର'ରେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଅଭିନେତ୍ରୀ ତାଙ୍କୁ ଫିଲ୍ମରେ ଦେଖା ନ ଯିବାର କାରଣ ଦର୍ଶାଇଛନ୍ତି। ସ୍ୱରା ନିକଟରେ ପ୍ରକାଶ କରିଛନ୍ତି ଯେ ଇଣ୍ଡଷ୍ଟ୍ରି ତାଙ୍କୁ କାଷ୍ଟ କରିବାକୁ ଚାହୁଁନାହିଁ ଏବଂ ଏଥିପାଇଁ ସେ ତାଙ୍କ ଟ୍ୱିଟର ଆକାଉଣ୍ଟକୁ ଦାୟୀ କରିଛନ୍ତି। କନେକ୍ଟ ସିନେକୁ ଦିଆଯାଇଥିବା ଏକ ସାକ୍ଷାତକାରରେ ସ୍ୱରା କହିଛନ୍ତି- 'ଯଦି ଦୁନିଆରେ ଏପରି କିଛି ଅଛି ଯାହା ମୋ ପାଇଁ ମହଙ୍ଗା ଥିଲା, ଏହା ମୋର ଟ୍ୱିଟର ଆକାଉଣ୍ଟ ଥିଲା କାରଣ ଏହା ମୋ କ୍ୟାରିଅରକୁ ନଷ୍ଟ କରିଦେଇଥିଲା। ଅନେକ ନିର୍ମାତାଙ୍କ ପାଇଁ, ମୁଁ ଇଣ୍ଡଷ୍ଟ୍ରିରେ ଅସ୍ପୃଶ୍ୟ ଏବଂ ଏଗୁଡ଼ିକ ମୋର ଶବ୍ଦ ନୁହେଁ, ଏହା ମୋର ଶୁଭେଚ୍ଛୁ, ନିର୍ମାତା, ନିର୍ଦ୍ଦେଶକ ଏବଂ ବନ୍ଧୁମାନଙ୍କ କଥା, ଯେଉଁମାନେ ମୋତେ ଫୋନ କରି ଏହା କହିଥିଲେ । ସ୍ୱରା କହିଛନ୍ତି ଯେ, ଲୋକ ମୋତେ ଫୋନ କରି କହୁଥିଲେ ଯେ, ଆମେ ଆପଣଙ୍କୁ କାଷ୍ଟ କରିବାକୁ ଚାହୁଁଥିଲୁ କିନ୍ତୁ ଷ୍ଟୁଡିଓ ତୁମର ନାମ ଶୁଣି ମନା କଲା । ଅଭିନେତ୍ରୀ ଆହୁରି କହିଛନ୍ତି ଯେ ଯେତେବେଳେ ସେ କାଷ୍ଟିଂ ନ ହେବାର କାରଣ ପଚାରନ୍ତି, ସେତେବେଳେ ତାଙ୍କୁ କୁହାଯାଇଛି ଯେ ସେ ବିବାଦରେ ରୁହନ୍ତି । ସ୍ୱରା କହିଛନ୍ତି ଯେ 'ବହୁତ ଲୋକ ଅଛନ୍ତି ଯେଉଁମାନେ କୁହନ୍ତି ଯେ ତୁମେ ଭୁଲ କାମ କରିଛ, ତୁମେ ତୁମର କ୍ୟାରିଅରକୁ ନଷ୍ଟ କରିଛ, ତୁମେ ଏହା କାହିଁକି କଲ? ଏହା ତୁମ ପାଇଁ ବହୁତ ମୂର୍ଖାମୀ ଥିଲା ।

# ମା'ଙ୍କ ଜିଦ୍ ପାଇଁ ସୁଟିଂକୁ ଅଧାରୁ ବନ୍ଦ କରି ସିନେମାରୁ ଚୁମ୍ବନ ଦୃଶ୍ୟ ହଟାଯାଇଥିଲା



ବଲିଉଡ ଇଣ୍ଡଷ୍ଟ୍ରିର 'ଡ୍ରିମ ଗାର୍ଲ' ହେମା ମାଳିନୀଙ୍କ ପ୍ରଶଂସକଙ୍କ ସଂଖ୍ୟା ଆଜି ବି ବୃଦ୍ଧି ପାଇବାରେ ଲାଗିଛି। ହେମାଙ୍କ ଗୋଟିଏ ଝଲକ ପାଇବା ପାଇଁ ପ୍ରଶଂସକମାନେ ଅପେକ୍ଷା କରି ରହିଥାଆନ୍ତି। ହେମା ତାଙ୍କ ଅଭିନୟ ଜୀବନରେ ବଲିଉଡକୁ ଅନେକ ସୁପରହିଟ ସିନେମା ଭେଟି ଦେଇଛନ୍ତି। ୭୦ଦଶକରେ ହେମା ମାଳିନୀ ବଲିଉଡର ଶୀର୍ଷ ଅଭିନେତ୍ରୀ ଥିଲେ। ହେମା ତାଙ୍କର ଜୀବନରେ ସଫଳତା ପାଇବା ପାଇଁ ଖୁବ ପରିଶ୍ରମ କରିଛନ୍ତି। ଯେଉଁଥିପାଇଁ ଆଜି ସେ ଏତେବଡ଼ ନାମ କମାଇ ପାରିଛନ୍ତି। ହେମା ମାଳିନୀଙ୍କ ୧୯୭୫ ମସିହାରେ 'ଧର୍ମାତ୍ମା' ସିନେମା ଆସିଥିଲା। ଏହି ସିନେମାରେ ଫିରୋଜ ଖାନ ଉଭୟ ପ୍ରଯୋଜକ ଓ ନିର୍ମାତା ସାଜିଥିବା ବେଳେ ହିରୋ ହୋଇ ଅଭିନୟ ବି କରିଥିଲେ। ସିନେମାର ଏକ ଦୃଶ୍ୟରେ ଫିରୋଜ ଖାନ ଓ ହେମାଙ୍କ ମଧ୍ୟରେ ଚୁମ୍ବନ ଦୃଶ୍ୟ ଥିଲା। ସେ ସମୟରେ ହେମାଙ୍କ ସହିତ ସବୁବେଳେ ସୁଟିଂ ସେଟରେ ତାଙ୍କ ମା' ରହୁଥିଲେ। ସୁଟିଂ ସମୟରେ ସେ ହେମାଙ୍କ ଚୁମ୍ବନ ଦୃଶ୍ୟକୁ ଦେଖି ତାହାକୁ ସିନେମାରୁ ହଟାଇବାକୁ ଅଡି ବସିଥିଲେ। ହେମାଙ୍କ ମା'ଙ୍କ ଜିଦ ହେତୁ ଶେଷରେ ଫିରୋଜ ଖାନ ସିନେମାରୁ ଚୁମ୍ବନ ଦୃଶ୍ୟକୁ ହଟାଇ ଦେଇଥିଲେ। ଫିରୋଜ ଖାନଙ୍କ 'ଧର୍ମାତ୍ମା' ହେଉଛି ପ୍ରଥମ ହିନ୍ଦୀ ସିନେମା ଯାହାକି ଆଫଗାନିସ୍ତାନରେ ସୁଟ କରାଯାଇଥିଲା। ହେମାଙ୍କୁ ଶେଷଥର ପାଇଁ ୨୦୨୦ରେ ସିନେମା 'ଶିମଲା ମିର୍ଚ୍ଚି'ରେ ଦେଖିବାକୁ ମିଳିଥିଲା।

# ନିଜ କାମରେ ମନ ଦିଅ: ସୋନାକ୍ଷୀଙ୍କ ବିବାହକୁ ନେଇ ଗୁଜବ ଉପରେ କହିଲେ ବାପା ଶତ୍ରୁଘ୍ନ ସିହ୍ନା

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ତାଙ୍କ ପ୍ରେମିକା ଜହିର ଇକବାଲଙ୍କୁ ଜୁନ୍ ୨୩ ରେ ବିବାହ କରୁଛନ୍ତି। ତାଙ୍କ ପିତା ଶତ୍ରୁଘ୍ନ ସିହ୍ନା ବର୍ତ୍ତମାନ ବିବାହରେ



ପରିବାରର ଉପସ୍ଥିତି ବିଷୟରେ ଗୁଜବକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଭିନ୍ନ ରିପୋର୍ଟରେ ଦର୍ଶାଯାଇଛି ଯେ ସୋନାକ୍ଷୀଙ୍କ ପରିବାର ବିଶେଷ କରି ତାଙ୍କ ପିତା ତାଙ୍କ ବିବାହ ଉତ୍ସବରେ ଯୋଗଦେବେ ନାହିଁ। ତେବେ ଶତ୍ରୁଘ୍ନ ଏହି ଗୁଜବକୁ ଅସ୍ୱୀକାର କରିଛନ୍ତି। ଜୁମ୍ ସହିତ ତାଙ୍କର ଶେଷ ସାକ୍ଷାତକାରରେ ସେ କହିଛନ୍ତି ଯେ ସେ ତାଙ୍କ ଝିଅ ପାଇଁ ଗର୍ବିତ ଏବଂ ବିବାହରେ ତାଙ୍କୁ ଆଶୀର୍ବାଦ ଦେବା ପାଇଁ ସେଠାରେ ଉପସ୍ଥିତ ରହିବେ। ବରିଷ୍ଠ ଅଭିନେତା ନିଜକୁ ନିଜର ଶକ୍ତିଶାଳୀ ସ୍ତମ୍ଭ ବୋଲି କହିଥିଲେ। ସିହ୍ନା କହିଛନ୍ତି ଯେ ଯେଉଁମାନେ ପରିବାରର କିଛି ବିବାଦ ଚଲିଛି ବୋଲି ଗୁଜବ ପ୍ରଚାର କରୁଛନ୍ତି ସେମାନେ ନିଜ କଥାରେ ମନ ଦେବା ଉଚିତ। "ମୋତେ କୁହ, ଏହା କାହାର ଜୀବନ? ଏହା କେବଳ ମୋର ଏକମାତ୍ର ଝିଅ ସୋନାକ୍ଷୀଙ୍କ ଜୀବନ, ଯାହାକୁ ନେଇ ମୁଁ ବହୁତ ଗର୍ବିତ ଏବଂ ମୁଁ ବହୁତ ଭଲପାଏ। ସେ ମୋତେ ତା'ର ଶକ୍ତିର ସ୍ତମ୍ଭ ବୋଲି ଡାକେ। ମୁଁ ବାହାଘରରେ ଉପସ୍ଥିତ ରହିବି , ନିଶ୍ଚିତ ଭାବରେ ରହିବି। ମୁଁ କାହିଁକି ରହିବି ନାହିଁ?'' ବୋଲି ସେ ପ୍ରଶ୍ନ କରିଛନ୍ତି।

# ଲୋକପ୍ରିୟ ୟୁଟ୍ୟୁବର ଅରମାନ ବିଗବସ ଓଟିଟି ସିଜନ-୩ରେ ଦୁଇ ପତ୍ନୀଙ୍କ ସହ ନଜର ଆସିବେ



ଜୁନ ୨୧ ତାରିଖରେ ଜିଓ ସିନେମାଆପରେ 'ବିଗବସ ଓଟିଟି ସିଜନ-୩' ପ୍ରସାରଣ ହେବ। ଚଳିତଥର ସୋ'ରେ ଅନେକ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ। ଉପସ୍ଥାପକ ଭାବେ ଅଭିନେତା ଅନିଲ କପୁର ବିଗବସ ଓଟିଟି ସିଜନ-୩ରେ ନଜର ଆସିବେ। ଏଥର ସୋ'ରେ ବକ୍ସର, ଅଭିନେତା, ଅଭିନେତ୍ରୀ, ସାମ୍ବାଦିକ ଓ ୟୁଟୁବ୍ୟର ସାମିଲ ହୋଇଛନ୍ତି। ଏଥିସହିତ ଏହି ସୋ'ର ୧୪ଜଣ ପ୍ରତିଯୋଗୀଙ୍କ ତାଲିକା ସାମ୍ନାକୁ ଆସିଛି। ତେବେ ଏହି ତାଲିକାରେ କେଉଁମାନଙ୍କ ନାମ ରହିଛି ? ତାହାକୁ ଜାଣିବା ପାଇଁ ବିଗବସ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ୧୪ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ୟୁଟ୍ୟୁବର ଅରମାନ ମଲିକ ବି ସାମିଲ ଅଛନ୍ତି। ତେବେ ଅରମାନ ଏହି ରିୟାଲିଟି ସୋ'ରେ ଏକା ନୁହନ୍ତି ବରଂ ତାଙ୍କର ଦୁଇଜଣ ସ୍ତ୍ରୀ ପାୟଲ ଓ କୃତିକା ବି ନଜର ଆସିବେ। ତେବେ ଏପରି ଦମ୍ପତି କୌଣସି ରିୟଲିଟି ସୋ'ରେ ନଜର ଆସିବା ହେଉଛି ପ୍ରଥମ ଘଟଣା। ଅରମାନ ଓ ତାଙ୍କ ଦୁଇ ପତ୍ନୀ ପାୟଲ ଓ କୃତିକାଙ୍କ ବ୍ୟତୀତ ବିଗବସ ଓଟିଟି ସିଜନ-୩ରେ ସାଇ କେତନ ରାଓ୍ୱ, ପୋଲୋମି ପୋଲୋ ଦାସ, ସନା ସୁଲତାନ, ସନା ମକବୁଲ, ଶିଓ୍ୱାନୀ କୁମାରୀ, ବିଶାଳ ପାଣ୍ଡେ, ଚନ୍ଦ୍ରିକା ଦୀକ୍ଷିତ, ନେଜି ଓ ନୀରଜ ଗୋୟତ ବି ନଜର ଆସିବେ। ଏହି ପ୍ରତିଯୋଗୀମାନେ ବିଗବସ ଓଟିଟି ସିଜନ ୩ରେ କିପରି ଖେଳୁଛନ୍ତି ଆଉ କିଏ ବିଜେତା ହେଉଛନ୍ତି ଦର୍ଶକଙ୍କୁ ତାହାର ଅପେକ୍ଷା ରହିଲା।

# ବିଗ୍‌ବସ ଓଟିଟି ସିଜନ-୩ରେ ନଜର ଆସିବେ ଭାଇରାଲ ବଡ଼ା ପାଓ୍ୱ ଗାର୍ଲ



କିଛିଦିନ ହେବ ଦିଲ୍ଲୀରେ ବଡ଼ା ପାଓ୍ୱ ବିକ୍ରି କରୁଥିବା ଜଣେ ମହିଳା ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ପରିସରରେ ଅଛନ୍ତି। ବଡ଼ା ପାଓ୍ୱ ଗାର୍ଲ ନାମରେ ଚର୍ଚ୍ଚାକୁ ଆସିଥିବା ମହିଳାଙ୍କ ବାସ୍ତବ ନାମ ହେଉଛି ଚନ୍ଦ୍ରିକା ଗେରା ଦୀକ୍ଷିତ । ଯିଏକି ଦିଲ୍ଲୀରେ ନିଜର ଏକ ଠେଲା ଲଗାଇ ବଡ଼ା ପାଓ୍ୱ ବିକ୍ରି କରନ୍ତି। ଚନ୍ଦ୍ରିକାଙ୍କ ବ୍ୟକ୍ତିଗତ ଜୀବନ କଥା କହିଲେ ତାଙ୍କୁ ଜୀବନରେ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ଏହି ସଂଘର୍ଷକୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ମିଳିତ ଭାବେ ସାମ୍ନା କରିଛନ୍ତି। ଯେଉଁଥିପାଇଁ ଆଜି ଚନ୍ଦ୍ରିକାଙ୍କୁ ଗୋଟିଏ ପରେ ଗୋଟିଏ ସଫଳତା ମିଳିବାକୁ ଲାଗିଛି। କୁହାଯାଉଛି କି ଚନ୍ଦ୍ରିକା ସୋସିଆଲ ମିଡିଆରେ ଭାଇରାଲ ହେବାପରେ ପୂର୍ବ ଅପେକ୍ଷା ତାଙ୍କ ଦୋକାନରେ ପ୍ରବଳ ଭିଡ଼ ଜମୁଛି। ଏମିତି କି ତାଙ୍କ ବଡ଼ା ପାଓ୍ୱ ଖାଇବାକୁ ବିଦେଶରୁ ବି ଲୋକେ ଆସୁଥିବା ଜଣାପଡ଼ିଛି। ଏହି କ୍ରମରେ ଚନ୍ଦ୍ରିକାଙ୍କୁ ନେଇ ଆଉ ଏକ ଖୁସି ଖବର ସାମ୍ନାକୁ ଆସିଛି। ଚଳିତଥର ଜୁନ ୨୧ ତାରିଖରେ ଜିଓ ସିନେମାଆପରେ ରିଲିଜ ହେବାକୁ ଥିବା 'ବିଗବସ ଓଟିଟି ସିଜନ-୩'ରେ ଭାଇରାଲ ବଡ଼ା ପାଓ୍ୱ ଗାର୍ଲ ଚନ୍ଦ୍ରିକା ଗେରା ଦୀକ୍ଷିତଙ୍କୁ ଦେଖିବାକୁ ମିଳିବ। ବିଗବସ ଓଟିଟି ସିଜନ-୩'ରେ ସାମିଲ ହେବାକୁ ଥିବା ପ୍ରତିଯୋଗୀଙ୍କ ତାଲିକା ସାମ୍ନାକୁ ଆସିବା ପରେ ଏଥିରେ ଚନ୍ଦ୍ରିକାଙ୍କ ନାମ ଥିବା ଦେଖି ତାଙ୍କ ଫ୍ୟାନ୍ସ ଓ ବଡ଼ା ପାଓ୍ୱ ପ୍ରେମୀ ଖୁବ ଖୁସି ହୋଇଯାଇଛନ୍ତି।

# ବିବାହ ପୂର୍ବରୁ ଦୁଇଥର ବ୍ରେକଅପ୍ ହେବା କଷ୍ଟକୁ ବଖାଣିଲେ ଅକ୍ଷୟ



ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ଟୁଇଙ୍କଲ ଖନ୍ନା ବି-ଟାଉନର ଚର୍ଚ୍ଚିତ ଦମ୍ପତିଙ୍କ ମଧ୍ୟରୁ ଜଣେ। ଅକ୍ଷୟ ଓ ଟୁଇଙ୍କଲ ଦୁହେଁ ନିଜର ବୈବାହିକ ଜୀବନରେ ବେଶ ଖୁସିରେ ଅଛନ୍ତି। ଅକ୍ଷୟ ନିକଟରେ ରଣବୀର ଅଲ୍ଲାହବାଦିଆ ପାଡକାଷ୍ଟରେ କହିଛନ୍ତି,' ମୁଁ ଟୁଇଙ୍କଲଙ୍କୁ ବିବାହ କରିବା ପୂର୍ବରୁ ମୋର ୨/୩ଥର ବ୍ରେକଅପ ହୋଇଥିଲା। ଏହି ବ୍ରେକଅପ ସମୟ ମୋ ପାଇଁ ବହୁତ କଷ୍ଟର ସମୟ ଥିଲା। ବ୍ରେକଅପ ହୋଇଗଲେ ମୋ ଭିତରେ କ୍ରୋଧ ଭରିଯାଏ। ତେଣୁ ଏଥିରୁ ମୁକୁଳିବା ପାଇଁ ମୁଁ ଏହି ସମୟରେ ଅଧିକରୁ ଅଧିକ ବ୍ୟାୟାମ କରିଥାଏ। କିଛି କାମ ନଥିଲେ ବି କାମ ବାହାର କରି ନିଜକୁ ବ୍ୟସ୍ତ ରଖିଥାଏ। ଅକ୍ଷୟ କୁମାର ୨୦୦୧ରେ ଟୁଇଙ୍କଲ ଖନ୍ନାଙ୍କୁ ବିବାହ କରିଥିଲେ। ଏହାପୂର୍ବରୁ ଶିଳ୍ପା ସେଟ୍ଟୀ, ରବିନା ଟଣ୍ଡନ ଓ ପୂଜା ବତ୍ରାଙ୍କ ସହିତ ସେ ସମ୍ପର୍କରେ ଥିଲେ। ଟୁଇଙ୍କଲଙ୍କ ସହ ଅକ୍ଷୟଙ୍କ ବିବାହକୁ ୨୩ବର୍ଷ ପୁରା ହୋଇସାରିଛି। ସେ ତାଙ୍କ ସ୍ତ୍ରୀ ଓ ଦୁଇପିଲାଙ୍କୁ ନେଇ ବେଶ ଖୁସିରେ ଜୀବନ କାଟୁଛନ୍ତି। ଅକ୍ଷୟଙ୍କୁ ଯେତେବେଳେ ବି ସୁଯୋଗ ମିଳେ ସେ ସ୍ତ୍ରୀ ଟୁଇଙ୍କଲଙ୍କ ଖୁବ ପ୍ରଶଂସା କରିଥାଆନ୍ତି। ଅକ୍ଷୟଙ୍କ କର୍ମମୟ ଜୀବନ କଥା କହିଲେ ତାଙ୍କ ହାତରେ ଅନେକ ପ୍ରୋଜେକ୍ଟ ଥିବା ବେଳେ ଆଗ ?ାମୀ ଦିନରେ ତାଙ୍କର ଏକାଧିକ ସିନେମା ଆସିବାକୁ ଯାଉଛି।

# ସିନେମା ସୁଟିଂ ବେଳେ ଆହତ ହେବାର ଭିଡିଓ ପୋଷ୍ଟ କଲେ ପ୍ରିୟଙ୍କା



ଇଣ୍ଟରନାସନାଲ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କୁ ନେଇ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। କୁହାଯାଉଛି କି ପ୍ରିୟଙ୍କା ସୁଟିଂ କରୁଥିବା ସମୟରେ ଗଭୀର ଭାବେ ଆହତ ହୋଇଛନ୍ତି। ଏହାର ଏକ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ପ୍ରିୟଙ୍କାଙ୍କ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଥିବା ଦେଖିବାକୁ ମିଳୁଛି। ପ୍ରିୟଙ୍କା ରୁସୋ ବଦର୍ସଙ୍କ ଦ ବ୍ଲାଫର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଆକସନ ସିନେମାରେ ପ୍ରିୟଙ୍କା ମୁଖ୍ୟ ଭୂମିକାରେ ନଜର ଆସିବେ। ସିନେମାରେ ଥିବା ଆକସନ ଦୃଶ୍ୟଗୁଡ଼ିକୁ କୌଣସି ପ୍ରକାର ଏଡିଟିଂ କରାଯାଉନାହିଁ। ନିଜେ ପ୍ରିୟଙ୍କା ଉକ୍ତ ଆକସନ ସିନକୁ କରିବାକୁ ଚେଷ୍ଟା କରୁଛନ୍ତି। କିଭଳି ପରଦାରେ ତାଙ୍କ ଆକସନ ବାସ୍ତବ ଲାଗିବ ସେଥିପାଇଁ ପ୍ରିୟଙ୍କା ଖୁବ ପରିଶ୍ରମ କରୁଛନ୍ତି।। ଏଭଳି ଏକ ଆକସନ ସିନର ସୁଟିଂ କରୁଥିବା ବେଳେ ପ୍ରିୟଙ୍କାଙ୍କୁ ଗଭୀର ଭାବେ ଆଘାତ ଲାଗିଛି। ଏହି ଆଘାତ ତାଙ୍କ ବେକ, କାନ୍ଧ, ଗୋଡ଼ ଓ ହାତରେ ଲାଗିଛି। ଏସବୁ ସ୍ଥାନରେ କଟା ଚିହ୍ନ ଥିବା ଦେଖିବାକୁ ମିଳୁଛି। ତେବେ ପ୍ରିୟଙ୍କା ଯେଉଁ ଭିଡିଓ ସେୟାର କରିଛନ୍ତି ସେଥିରେ ପ୍ରଥମେ ତାଙ୍କୁ ଯେଉଁ ଅବସ୍ଥାରେ ଦେଖିବାକୁ ମିଳୁଛି ତାହା ଆକସନ ସିନର ସୁଟିଂ ପାଇଁ ମେକଅପ ଥିବା ବେଳେ କିଛି ସମୟ ପରେ ତାଙ୍କ ଶରୀରର ଅନେକ ସ୍ଥାନରେ ଦେଖିବାକୁ ମିଳୁଥିଲା କଟାସ୍ଥାନ ବାସ୍ତବ ବୋଲି କୁହାଯାଉଛି।

# ବିଜୟ ମାଲ୍ୟାଙ୍କ ପୁଅ ସିଦ୍ଧାର୍ଥଙ୍କ ବିବାହ ସପ୍ତାହ ଆରମ୍ଭ: ପ୍ରେମିକା ଜସ୍ମିନଙ୍କ ସହ ସେୟାର କଲେ ଫଟୋ



ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପୁଅ ସିଦ୍ଧାର୍ଥ ମାଲ୍ୟା ତାଙ୍କର ଦୀର୍ଘ ଦିନର ପ୍ରେମିକା ଜସ୍ମିନଙ୍କୁ ବିବାହ କରିବାକୁ ଯାଉଛନ୍ତି। ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ମାଲ୍ୟା ଜସ୍ମିନଙ୍କ ସହ ଏକ ଫଟୋ ସେୟାର କରି କ୍ୟାପସନରେ ଲେଖିଛନ୍ତି ଯେ "ବିବାହ ସପ୍ତାହ ଆରମ୍ଭ ହୋଇଛି।" ଫଟୋରେ ଦମ୍ପତିଙ୍କୁ ଏକ ଫୁଲର ଫ୍ରେମ ଭିତରେ ଆଲିଙ୍ଗନ ଏବଂ ଫଟୋ ପାଇଁ ପୋଜ୍ କରୁଥିବାର ଦେଖିବାକୁ ମିଳିଛି। ହାଲୋଏନ୍ରେ ୨୦୨୩ ମସିହାରେ ଜୁନିୟର ମାଲ୍ୟା ତାଙ୍କ ପ୍ରେମିକାଙ୍କୁ ପ୍ରେମ ନିବେଦନ କରିଥିଲେ। ପୂର୍ବତନ ମଡେଲ୍ ସୋସିଆଲ ମିଡିଆରେ ହାଲୋଏନ୍ ପୋଷାକରେ ଏକ ଯୁଗଳ ଫଟୋ ପୋଷ୍ଟ କରି ଏହି ଖବର ସେୟାର କରିଥିଲେ। ପୂର୍ବତନ ଅଭିନେତା ତଥା ମଡେଲ ମାଲ୍ୟା ମାନସିକ ସ୍ୱାସ୍ଥ୍ୟ ଉପରେ ଦୁଇଟି ପୁସ୍ତକ ଲେଖିଛନ୍ତି ଏବଂ ଯୁବକମାନଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ଜଣେ ଓକିଲ ମଧ୍ୟ। ତାଙ୍କର ଏକ ପୁସ୍ତକରେ ତାଙ୍କ ନିଜର ମାନସିକ ଅସୁସ୍ଥତାର ଯାତ୍ରା ଉଲ୍ଲେଖ କରାଯାଇଛି। ସେ ପ୍ରଥମେ ଆଇପିଏଲ୍ ଟିମ୍ ରୟାଲ୍୨୦୧୩" ରେ ବିଚାରପତି ଭାବରେ ନଜର ଆସିଥିଲେ। ସିଦ୍ଧାର୍ଥ ମାଲ୍ୟା କାଲିଫର୍ନିଆର ଲସ୍ ଆଞ୍ଜେଲସରେ ଜନ୍ମଗ୍ରହଣ କରିଥିଲେ ଏବଂ ଲଣ୍ଡନ ଏବଂ ୟୁଏଇରେ ବଢ଼ିଥିଲେ। ସେ ଓ୍ୱେଲିଙ୍ଗଟନ୍ କଲେଜ ଏବଂ ଲଣ୍ଡନର କୁଇନ୍ ମେରି ୟୁନିଭରସିଟିରେ ଅଧ୍ୟୟନ କରିଥିଲେ ଏବଂ ପରେ ରୟାଲ୍ ସେଣ୍ଟ୍ରାଲ୍ ସ୍କୁଲ୍ ଅଫ୍ ସ୍ପିଚ୍ ଏବଂ ଡ୍ରାମାରେ ପଢ଼ିଥିଲେ। ନାଟକ ବିଦ୍ୟାଳୟରୁ ସ୍ନାତକ ହାସଲ କରିବା ପରେ ମାଲ୍ୟା ଜଣେ ମଡେଲ ଏବଂ ଅଭିନେତା ଭାବରେ କାମ କରିବା ଆରମ୍ଭ କରିଥିଲେ। ସେ ସେକ୍ସ କମେଡି ଚଳଚ୍ଚିତ୍ର 'ବ୍ରାହ୍ମଣ ନମନ' ସମେତ ଅନେକ ଚଳଚ୍ଚିତ୍ର ଏବଂ ଟେଲିଭିଜନ ସୋ'ରେ ଅଭିନୟ କରିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ସିକିଲ ସେଲ ସଚେତନତା ଦିବସ ଉଦ୍‌ଘାଟିତ

ମାଲକାନଗିରି, ୨୦/୬ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାଲକାନଗିରି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ରକ୍ତ ଶିକୁଳି ଦିବସ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅହମ୍ମଦ ହୁସେନଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ ଯୋଗଦାନ କରି ଏହି ରକ୍ତ ଶିକୁଳି ରକ୍ତ ହୀନତା ନିରାକରଣ ସଚେତନତା ଅଭିଯାନକୁ ସଫଳ ରୂପାୟନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସଭା ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଏହି ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ସମନ୍ୱିତ ଆଦିବାସୀ ସଂସ୍ଥା, ପ୍ରଶାସିକା ସୁଶ୍ରୀ ଜୟଶ୍ରୀ ଯୋଗଦାନ କରି ମାଲକାନଗିରି ଜିଲ୍ଲାର ସମସ୍ତ ତଫସିଲ ଭୁକ୍ତ ଜାତି ଓ ଜନଜାତିର ଅନ୍ତେବାସୀ ଏବଂ ଅଭିଭାବକଙ୍କୁ ପରୀକ୍ଷା କରିବା ପାଇଁ ନିବେଦନ ସହିତ ସମ୍ପୂର୍ଣ୍ଣ ସାହାଯ୍ୟ ପାଇଁ ମତ ପୋଷଣ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାର୍ଯ୍ୟ ମାଲକାନଗିରିର ସ୍ୱାଭିମାନ ଅଂଚଳରେ ରକ୍ତହୀନତା ନିରାକରଣ ଅଭିଯାନକୁ ଅଧିକରୁ ଅଧିକ ସଚେତନତା କରିବା ପାଇଁ ପାଳନ କରିଥିଲେ !ସମ୍ମାନିତ ଅତିଥି ଜିଲ୍ଲା ଯୁବ ରେଡ଼କ୍ରସର ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସିକଲ ସେଲ କଣ,ଏହାର ଲକ୍ଷଣ, ଲକ୍ଷ୍ୟ ଓ ଏହାର ଉପଚାର ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ !ଏହି ସଭାକୁ ଶିବ ଶଙ୍କର ପାଣିଗ୍ରାହୀ,ସହକାରୀ ପରିଚାଳକ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଜିଠାରୁ ଏକ ପକ୍ଷ ଜିଲ୍ଲାର ବିଭିନ୍ନ ଆଦିବାସୀ ଅଧୁଷିତ ଅଂଚଳରେ ରକ୍ତ ନମୂନାକୁ ପରୀକ୍ଷା କରିବା ଏବଂ ତାଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ବୁଦ୍ଧିଜୀବି, ବରିଷ୍ଠ ନାଗରିକ, ଅନ୍ୟ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ରହିଥିଲେ । ଇତି ମଧ୍ୟରେ ଭିଡିଓ ମାଧ୍ୟମରେ ଏହି ରୋଗର ଆମ ଜିଲ୍ଲାରେ ସ୍ଥିତି ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ସଭା ଶେଷରେ ରାଷ୍ଟ୍ରୀୟ ବାଲ୍ୟ ସ୍ୱାସ୍ଥ୍ୟ ଅଧିକାରୀ ହରିବନ୍ଧୁ ଦେଶିଆନାୟକ, ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପ ମାଲକାନଗିରି ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ସଭାରେ ଅଧକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିବା ବେଳେ, ଅଶୋକ କୁମାର ଷଡ଼ଙ୍ଗୀ, ବରିଷ୍ଠ ପ୍ରଧାପକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ପ୍ରେମରେଖା ଭତ୍ରା, ଅଧାପିକା ମଞ୍ଚ ପରିଚାଳନା କରିଥିବା ବେଳେ ଉମେଶ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ଏହି ଅବସରରେ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା । ଗୌତମ ନାୟକ ଅଧାପକ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ, ପ୍ରମୀୟ କୁମାର ମହାନ୍ତି ଅଧାପକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ, ଅଣଶିକ୍ଷକ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମକୁ ଭିଆରଏସ ,ଏନଏସ ଏସ ,ଟିଭି ସି ସି ମିଳିତଭାବେ ଆୟୋଜନ କରିଥିଲେ ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ବିଶ୍ୱ ସିକିଲସେଲ୍ ସଚେତନତା ଦିବସ ପାଳିତ

କେନ୍ଦୁଝର, ୨୦/୬ (ନି.ପ୍ର): ଜିଲ୍ଲାସ୍ତରୀୟ ବିଶ୍ୱ ସିକିଲସେଲ୍ ସଚେତନତା ଦିବସ-୨୦୨୪ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କିଠାରେ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ଚରଣ ନାୟକ ଯୋଗଦେଇ ସିକିଲ୍ ସେଲ୍ ରୋଗର ନିରାକରଣ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ନିଜ ମଧ୍ୟରେ ସଂକୋଚ ବା ଲଜ୍ୟା ନକରି ସମସ୍ତେ ପରୀକ୍ଷା କରାଇନେବା ଉଚିତ୍ ବୋଲି ସେ ସମସ୍ତଙ୍କୁ ନିବେଦନ କରିଥିଲେ । ଯଦି ସିକିଲ ସେଲ ରୋଗ ଚିହ୍ନଟ ହୁଏ ତେବେ ତାହାର ପ୍ରତିକାର ପାଇଁ ବିନା ମୂଲ୍ୟରେ ଡାକ୍ତରଖାନାରେ ଉପଲବ୍ଧ ବୋଲି କହିଥିଲେ । ଏହାର ସୁଯୋଗ ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ ଯେ ପରିବାରର ସମସ୍ତ ସଦସ୍ୟ ଏ ବିଷୟରେ ସଚେତନ ହୋଇ ଏ ରୋଗର ପରୀକ୍ଷା କରି ନିର୍ଭୟରେ ରହିଲେ ପରିବାର ଭଲରେ ରହିବ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି ସିକିଲ ସେଲ୍ ରୋଗ ବିଷୟରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, କେନ୍ଦୁଝର ସଦର ବିଡିଓ ତିଲୋତମା ପୃଷ୍ଟି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଗୌର ପ୍ରସାଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡାଃ ନିଲମ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରଦୀପ କୁମାର ମିଶ୍ର, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱରର ଡାଃ ପୂର୍ଣ୍ଣେନ୍ଦୁ ପଣ୍ଡା, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିନ୍‌ଟେଣ୍ଡେଂଟ୍ ଡାଃ ଶିବ ଚରଣ ବାଗ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରଶାନ୍ତ କୁମାର ପଲେଇ ପରିଚାଳନା କରିଥିଲେ । ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ମା'ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ ସିକିଲ୍‌ସେଲ ଚିହ୍ନଟ ହୋଇଥିବା ଲୋକଙ୍କୁ କାର୍ଡ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏ.ଏମ୍. ଏନ୍.ସି.ଡି. ସୁଜାତା କବି, ମାଇକ୍ରୋବାଇଲଜିଷ୍ଟ ରାଜଶ୍ରୀ ସାହୁ, ବିପିଏମ୍ ଭୁବନେଶ୍ୱରୀ କର, ସୁପରଭାଇଜର ନିରଞ୍ଜନ ବେଜ୍, ଏଲ୍.ଟି. ପ୍ରମୋଦ କୁମାର ସାହୁ, ଏସ୍.ଏ. ଅମ୍ଳାନ କିଶୋର ପରିଡା, ଆକାଉଟାଂଟ୍ ଦିଲ୍ଲିପ କୁମାର ମହାନ୍ତ, ବିଡିଏମ୍ ସୋନାଲି ମୁଦୁଲି, ଫାର୍ମାସିଷ୍ଟ ପ୍ରୀତିମୟୀ ଶ୍ରୀଚନ୍ଦନ ଓ ବିଜୟ କୁମାର ବେହେରା, ଡାକ୍ତର ଅଜୟ କୁମାର ମୁର୍ମୁ, ଡାଃ ସମ୍ବିତ୍ କୁମାର ସାହୁ, ଡାକ୍ତର ଶ୍ରାବଣୀ, ସି.ଏଚ୍.ଓ., ଆଶାକର୍ମୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମୋବାଇଲ ଟାୱାର ଘୁଂଚାଇବାକୁ ଦାବି

ଜୟପୁର, ୨୦/୬ (ନି.ପ୍ର): ମହାଦଳିତ ପରିସଂଘ ତରଫରୁ ଆଜି ଜୟପୁର ଉପ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ସୁନା ନଗରେ ଏକ ମୋବାଇଲ ଟାଓର ରହିଛି । ସେହି ମୋବାଇଲ ଟାୱାରକୁ ଘୁଂଚାଇବାକୁ ଦାବି କରାଯାଇଛି । ଏହି ଅଂଚଳରେ ଦିନ ମଜୁରିଆ ଓ କ୍ଷୁଦ୍ର ଚାଷି ରହୁଥିବା ବେଳେ ଏହି ମୋବାଇଲ ଟାଓର ପାଇ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଯେପରିକି ଅନିଦ୍ରା, ଜ୍ୱର, ବିଭିନ୍ନ ରୋଗ ହେଉଛି । ତେଣୁ ଏହାକୁ ଘୁଂଚାଇବାକୁ କରିବା ପାଇଁ ବୃନ୍ଦାବନ ଖରା ସରୋଜ ଭତ୍ରା, ରମେଶ ନାୟକ ଦେବ ନାୟକ ପ୍ରମୁଖ ଦାବି କରିଛନ୍ତି ।

# ରସୁଲପୁର ବ୍ଲକର ବିଜେଡି କର୍ମକର୍ତାଙ୍କୁ ନେଇ ସମୀକ୍ଷା ବୈଠକ

ଧର୍ମଶାଳା, ୨୦/୬ (ନି.ପ୍ର): ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ବିଜେଡି ହାତରୁ ଶାସନ ଡୋରୀ ଖସି ଯାଇଛି । ନୂତନ ଭାବେ ଓଡିଶାରେ ବିଜେପି ସରକାର ଗଢିଛି । ତେବେ ରାଜ୍ୟରେ ବିଜେଡି ପରାଜିତ ହୋଇଥିବା ଆସନରେ ପୂର୍ବତନ ବିଧାୟକଙ୍କ ଦ୍ୱାରା ନିର୍ବାଚନ ପରାଜୟର କାରଣ ଖୋଜା ଚାଲିଛି । ଏହି କ୍ରମରେ ଆଜି ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ନିର୍ବାଚନ ପରାଜୟକୁ ନେଇ ସମୀକ୍ଷା ବୈଠକ କରିଛନ୍ତି । କାରକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ସମସ୍ତ ଲୋକ ପ୍ରତିନିଧି ଓ କର୍ମକର୍ତାମାନଙ୍କୁ ନେଇ ଆଲୋଚନା କରିବା ସହ ପରାଜୟକୁ ଭୁଲି ଆଗକୁ ଲୋକମାନଙ୍କ ସେବା କାର୍ଯ୍ୟରେ ନିୟୋଜିତ ରହିବାକୁ ପୂର୍ବତନ ବିଧାୟକ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଶତାଧିକ କର୍ମକର୍ତା ସାମିଲ ହୋଇଥିଲେ ।

# ଫୁଲବାଣୀ, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ୫ ଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ

କନ୍ଧମାଳ, ୨୦/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ତଥା ରାଜ୍ୟର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱିତୀୟ ଥର ପାଇଁ ୫ ଦିନିଆ ରଜ ମହୋତ୍ସବ ଅତି ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା, ମୁଖ୍ୟ ସମ୍ପାଦକ ଡ.କାହ୍ନୁଚରଣ ଶତପଥି, ଉପସଭାପତି ଶରତଚନ୍ଦ୍ର ମହାନ୍ତି, ସାଂସ୍କୃତିକ ସମ୍ପାଦିକା ଶ୍ରୀମତୀ ବିରାଜିନି ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ସଦସ୍ୟାମାନଙ୍କ ସହଯୋଗରେ ଗତ ୧୩ ତାରିଖରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଫୁଲବାଣୀ ମାଷ୍ଟରପଡ଼ା ଠାରେ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ଉପଜିଲ୍ଲାପାଳ ଚିତରଞ୍ଜନ ମହାନ୍ତ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ତଥା ପର୍ବପର୍ବାଣୀ ଓ ପରମ୍ପରାକୁ ଉଦ୍‌ଜୀବିତ କରିବା ଦିଗରେ ବନଜ୍ୟୋତ୍ସ୍ନା ପକ୍ଷରୁ ନିରନ୍ତର ଭାବରେ କରାଯାଉଥିବା ଉଦ୍ୟମକୁ ପ୍ରସଂଶା କରିଥିଲେ । ଏହି ଅବସରରେ ତାଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ରଶ୍ମିତା କରଣ,ଜିଲ୍ଲା ମିଲେଟ୍ ମିଶନ ସଂଯୋଜିକା ସୁଶ୍ରୀ ସବିତା ସୁବୁଦ୍ଧି, ଅନୁଷ୍ଠାନର ସଦସ୍ୟା ଶ୍ରୀମତୀ ନିହାରିକା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟା ଶ୍ରୀମତୀ ସରସ୍ୱତୀ ସାହୁ ପରିଚାଳନା କରିଥିଲେ । ପରବର୍ତୀ ସନ୍ଧ୍ୟାରୁ ୧୫ ରାତିଖ ପର୍ଯ୍ୟନ୍ତ ନଟରାଜ କଳାମନ୍ଦିର ଏବଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ଓ ସଂଗୀତ ଆଦି ପରରିବେଷଣ କରାଯିବା ସହିତ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ୧୬ ତାରିଖ ଦିନ ସଂନ୍ଧ୍ୟା ପୂଜ୍ୟ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବରେ ଖଜୁରିପଡା ଗୁଡ଼ିସାହି ସ୍ଥିତ କନ୍ଧମାଳ ଜିଏନଏମ କଲେଜର ମୁଖ୍ୟ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଜିଲ୍ଲା ପ୍ରେସ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ତହସିଲଦାର ସଚ୍ଚିଦାନନ୍ଦ ନାୟକ ଯୋଗ ଦେଇ ରଜ ପର୍ବର ଅୟମାରମ୍ଭ ବାବଦରେ ପ୍ରାଞ୍ଜଳ ଭାବରେ ନିଜର ବକ୍ତବ୍ୟ ରଖି ଏହି ପର୍ବ କେବଳ ଓଡିଶାର ନୁହେଁ ବରଂ ନେପାଳ,ଭୁଟାନ୍ ଏବଂ ମାଲେସିୟା ଭଳି କିଛି ଦେଶରେ ବିଭିନ୍ନ ନାମରେ ପାଳିତ ହେଉଛି ଯାହାକି ଆମକୁ ଅଜଣା ଅଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ବିଏସଏଫ୍ ର ଲେଫନାଂଟ କମାଣ୍ଡୋ ଗୋପାଳ ସିଂ,ଭାରତୀୟ ଜନତା ପାର୍ଟି କନ୍ଧମାଳ ସଂସଦୀୟ କ୍ଷେତ୍ରର ସଂଯୋଜକ ରମେଶଚନ୍ଦ୍ର ମହାନ୍ତି, ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସଦସ୍ୟା କଳ୍ପନାରାଣୀ ପାତ୍ର ସଭାପତିତ୍ୱ କରିଥିବା ବେଳେ ସୁଶ୍ରୀ ମୁସ୍କାନ ସୁଆର ମଂଚ ପରିଚାଳନା କରିଥିଲେ । ଶେଷରେ କୁନି କଳାକାରମାନଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହିସବୁ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟା ଶ୍ରୀମତୀ ସରସ୍ୱତୀ ସାହୁ, ଶ୍ରୀମତୀ ରୁପସ୍ମିକା ତ୍ରିପାଠୀ, ଶ୍ରୀମତୀ ସୁଭ୍ରାରାଣୀ ପଟ୍ଟନାୟକ, ଶ୍ରୀମତୀ ନିହାରିକା ମହାନ୍ତି, ଶ୍ରୀମତୀ ସୂନିତାରାଣୀ ନାୟକ, ଶ୍ରୀମତୀ ବୈଜୟନ୍ତୀମାଳା ମହାପାତ୍ର, ଶଶୀଭୁଷଣ ପ୍ରଧାନ ଓ ଦିଲ୍ଲିପ କୁମାର ମହାପାତ୍ର ପ୍ରମୁଖ ସହାୟତା କରିଥିଲେ ।

# ଯୁବ କଂଗ୍ରେସ ତରଫରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୦/୬ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ୫୪ ତମ ଜନ୍ମ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ସମୁଦାୟ ୮୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ଏହି ପରିପ୍ରେକ୍ଷିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ, ସମ୍ବିଧାନ ଏବଂ ଗଣତନ୍ତ୍ର ସୁରକ୍ଷା ଲଢ଼େଇର ଅଦମ୍ୟ ଯୋଦ୍ଧା, ନିଷ୍ପେସିତ, ଉତ୍ପିଡ଼ିତ, ଉପେକ୍ଷିତ, ଅତ୍ୟାଚାରିତ ଓ ଅବହେଳିତ ଜନତାର ନିରନ୍ତର ସ୍ୱର ସମ୍ମାନୀୟ ରାହୁଲ ଗାନ୍ଧୀଙ୍କ ଜନ୍ମଦିନରେ ଆମେ ସଂକଳ୍ପ ନେଉଛୁ ଯେ ଏ ରାଷ୍ଟ୍ରର ମଙ୍ଗଳ ପାଇଁ, ଅଖଣ୍ଡତା ପାଇଁ, ବେକାର ଯୁବକ ଯୁବତୀ, ଅସହାୟା ମହିଳା ଓ ସମାଜରେ ଉପେକ୍ଷିତ ବର୍ଗ ପାଇଁ ଆମେ ଜୀବନର ଶେଷ ରକ୍ତବିନ୍ଦୁର ସଂଗ୍ରାମ କରିବୁ । ରାହୁଲ ଗାନ୍ଧୀ ସାଧାରଣ ଜନତାଙ୍କ ପାଇଁ ନିଜ ଜୀବନକୁ ନିବେଦିତ କରିଛନ୍ତି । ତାଙ୍କର ସମସ୍ତ କାର୍ଯ୍ୟକ୍ରମ, ସ୍ୱର, ସଂଗ୍ରାମ, ଉଦ୍ୟେମ ଓ ଆବେଗ ରାଷ୍ଟ୍ରର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ଏହି ଜନନାୟକଙ୍କୁ ଜଗତରନାଥ ଜଗନ୍ନାଥ ଦୀର୍ଘାୟୁ ଓ ସୁସ୍ଥ ରଖିବା ପାଇଁ ଆମେ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ଦାଶରଥି ଗମାଙ୍ଗୋ, ବିଶ୍ୱଜିତ ଦାସ, ଜାନକୀବଲ୍ଲଭ ପଟ୍ଟନାୟକ, ପବିତ୍ର ସାଉଁଟା, ଶ୍ରୀନିବାସ ରାଉତରାୟ, ସୁନିଲ ସାହୁ ଗାନ୍ଧୀ, ବିଶ୍ୱଜିତ ସ୍ୱାଇଁ ଓ ପ୍ରଭାପ ପ୍ରତାପ ସିଂ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ହୃଦରୋଗୀ ଶିଶୁର ଚିକିତ୍ସା ପାଇଁ ସହାୟତା

କେନ୍ଦ୍ରାପଡ଼ା, ୨୦/୬ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ରଣପଡା ଠାରେ ରାଣିଦା ବିବିଙ୍କ ୨ ବର୍ଷର କନ୍ୟା ହୃଦରୋଗ ରେ ପିଡିତ ଥିବା ଜଣାପଡିବା ପରେ ସ୍ଥାନୀୟ ଅଂଚଳର ରାଜାଏ ମୁସ୍ତାଫା ମହଲ୍ଲା କମିଟି ପକ୍ଷରୁ ତାଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ପ୍ରଦାନ ବେଳେ କମିଟି ସଭାପତି ତାଜୁଦ୍ଦିନ ଖାନ୍, ସମ୍ପାଦକ ସେକ ଅସଲମ, ଉପ ସଭାପତି ସେକ ଲିଆକତ ଅଲ୍ଲୀ, ସହ ସମ୍ପାଦକ ସେକ ଅନିସୁଦ୍ଦିନ, କୋଷାଧକ୍ଷ ସେକ ବରକତୁଲ୍ଲାଙ୍କ ସହ କମିଟି ସଦସ୍ୟ ସେକ ଫିରୋଜ ଓ ସେକ ସଲିମଙ୍କ ଉପସ୍ଥିତି ଥିଲେ ।

# ବ୍ଲକରେ ଅଚଳ ହୋଇ ପଡିଛି ପାନୀୟ ଜଳ ପ୍ରକଳ୍ପ

କେନ୍ଦ୍ରାପଡ଼ା, ୨୦/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ପରିସର ରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପାନୀୟ ଜଳପ୍ରକଳ୍ପ ସଂପୂର୍ଣ୍ଣ ଅଚଳ ହୋଇପଡିଛି । ପ୍ରବଳ ଗ୍ରୀଷ୍ମ ତାପରେ ବିଭିନ୍ନ ଅଂଚଳରୁ ମହିଳା, ବୃଦ୍ଧ, ବୃଦ୍ଧା, ଛାତ୍ରଛାତ୍ରୀ ବିଭିନ୍ନ କାମ ନେଇ ବ୍ଲକକୁ ଆସୁଥିବା ବେଳେ ପିଇବାକୁ ପାଣି ନପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବତନ ବିଧାୟକ ଶଶିଭୂଷଣ ବେହେରା ଅନୁଦାନ ପାଣ୍ଠିରୁ ଲୋକଙ୍କ ସୁବିଧା ପାଇଁ ଏହି ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇ ଥିଲା । ବ୍ଲକ ପ୍ରଶସନର ଖାମଖିଆଲି ନୀତି ଯୋଗୁଁ ଏହା ଅଚଳ ହୋଇରହିଛି । ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# କାଙ୍ଗୁରୁକୋଣ୍ଡା ଆଦର୍ଶ ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ କାମ ନିମ୍ନମାନର ଅଭିଯୋଗ

ମାଲକାନଗିରି, ୨୦/୬ (ନି.ପ୍ର): ଆଦିବାସୀ ଅଧୁଷିତ ଅଂଚଳରେ ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ତତଫରୁ ପ୍ରତ୍ୟେକ ବ୍ଲକ୍ ସ୍ତରରେ ବାଳକ ବାଳିକା ମାନେ ରହିବା ନିମନ୍ତେ ହଷ୍ଟେଲ ର ସୁବିଧା କରାଯାଇ ଓଡିଶା ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି । ଏହି ପରି ମାଲକାନାଗିରି ଜିଲ୍ଲାର ସାତଟି ବ୍ଲକ ରେ ଆଦର୍ଶ ବିଦ୍ୟାଳୟ ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟାଳୟର ଭିତିଭୂମି ନିର୍ମାଣ ପାଇଁ ପାଣି ପରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ କିଛି ଦୁର୍ନୀତି ଖୋର ଠିକାଦାର ଓ ଯନ୍ତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହି ଶିକ୍ଷା ଭିତିଭୂମି ସୁଦୃଢ଼ ପାଇଁ କରାଯାଉ ଥିବା ନିର୍ମାଣ କାମ ଗୁଡିକ ଅତ୍ୟନ୍ତ ନିମ୍ନ ମାନର ହେଉଥିବା ଅଭିଯୋଗ ହେଉଛି । ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଂଚାୟତ ସଦର ମହକୁମା ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମାଲକାନଗିରି ପୂର୍ତ୍ତ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟ ରେ ଦୀର୍ଘ ଦେଢ଼ ବର୍ଷ ହେଲା ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଚାଲିଛି । ଏହି ଗୃହ ନିର୍ମାଣ କାମ ନେଇଥିବା ଠିକାଦାର ଙ୍କ ପକ୍ଷରୁ ଗୃହ ଚାରିପଟେ କରାଯାଉ ଥିବା ଡ୍ରେନ କାମରେ ଏଷ୍ଟିମେଂଟ ଅନୁଯାୟୀ ଚାରି ମିଟର ମେଟାଲ କଂକ୍ରିଟ କରାଯିବା ପରିବର୍ତେ ଦୁଇ ମିଟିର କଂକ୍ରିଟ କରାଯାଇଥିବା ଏବଂ ଏହି କାମରେ ଶିଶୁ ଶ୍ରମିକ ନିୟୋଜିତ ସହ ଶସ୍ତା ଓ ନିମ୍ନ ମାନର ସିମେଂଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଥିଲା । ଏପରି କି ନିର୍ମାଣ ସରିଥିବା ଗୃହ କାମ ନିମ୍ନ ମାନର ହେବା ସହ ଓଡିଶା ଆଦର୍ଶ ବିଦ୍ୟାଳୟ କର୍ତୃପକ୍ଷ ଙ୍କୁ ହସ୍ତାନ୍ତର ହେବା ପୂର୍ବରୁ ବିଭିନ୍ନ ଶ୍ରେଣୀ ଗୃହ କାନ୍ଥରେ ଉଇ ଲାଗିଯାଇଥି ବା ଏବଂ ନିମ୍ନ ମାନର ଟାଇଲ ବ୍ୟବହାର ଯୋଗୁ କେତେକ ଯାଗାରେ ତାହା ଭାଙ୍ଗି ଯାଇଥିବା ନିଜ ନାମ ଗୋପନ ରଖି ସ୍ଥାନୀୟ ଅଂଚଳର ଲୋକ ଗଣମାଧମ ଆଗରେ ପ୍ରକାଶ କରିଛନ୍ତି । ଲକ୍ଷାଧିକ ଟଙ୍କା ବ୍ୟୟ ରେ ନିର୍ମାଣ ହୋଇଥିବା ଶ୍ରେଣୀ ଗୃହ କାମର ଭିଜିଲାନ୍ସ ତଦନ୍ତ ପାଇଁ ଗ୍ରାମ ବାସି ଦାବୀ କରିଛନ୍ତି । ଏ ସଂପର୍କରେ ପୂର୍ତ ବିଭାଗ ସମ୍ପୃକ୍ତ କାମ ତାଦରଖ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ତାଙ୍କ ମତାମତ ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇପାରିନଥିଲା ।

# ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି: ଭକ୍ତିଭାବପୂର୍ଣ୍ଣ, ଶୃଙ୍ଖଳିତ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱ

କେନ୍ଦୁଝର, ୨୦/୬ (ନି.ପ୍ର): କେନ୍ଦୁଝରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଦରବାର ହଲ୍‌ଠାରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ । ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ । ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଏସ୍.ପି. ନୀତିନ୍ କୁଶଲକର, ଆରାଧ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ହୋଇଥିବାରୁ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ବିଶେଷ କରି ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । କେନ୍ଦୁଝର ସାଂସଦ ଅନନ୍ତ ନାୟକ, ରାଜା ଧନଞ୍ଜୟ ନାରାୟଣ ଭଞ୍ଜେ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଲକ୍ଷ୍ମୀ ନାଏକ, କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ ଏବଂ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ବୈଠକରେ ଉପସ୍ଥିତ ଥିଲେ । ବୈଠକର ଆବାହକ ଭାରପ୍ରାପ୍ତ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତର ଶ୍ରୀ ସୌମ୍ୟ ସାର୍ଥକ ମିଶ୍ର ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ତା ୨୨.୦୬.୨୦୨୪ ରିଖ ଦିନ ଦେବସ୍ନାନ ପୂର୍ଣ୍ଣିମା, ତା ୦୭.୦୭.୨୦୨୪ ରିଖ ଦିନ ଶ୍ରୀଗୁଣ୍ଡିଚା ଯାତ୍ରା, ତା୦୮.୦୭.୨୦୨୪ ରିଖ ଦିନ ଗୁଣ୍ଡିଚା ମନ୍ଦିରକୁ ରଥରୁ ଧାଡି ପହଣ୍ଡିରେ ବିଜେ, ତା ୧୧.୦୭. ୨୦୨୪ ରିଖ ଦିନ ହେରା ପଂଚମୀ, ତା ୧୫.୦୭.୨୦୨୪ରିଖ ଦିନ ବାହୁଡା ଯାତ୍ରା, ୧୭.୦୭. ୨୦୨୪ ରିଖ ଦିନ ସୁନାବେଶ, ତା ୧୯.୦୭.୨୦୨୪ ରିଖ ଦିନ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ କମିଟି ଗଠନ,ରଥ ନିର୍ମାଣ,ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା,ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା,ଉଠା ଦୋକାନ ଓ ସରକାରୀ ଷ୍ଟଲ୍ ନିମନ୍ତେ ଭୂମି ଚିହ୍ନଟ ଓ ଆବଂଟନ,ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା,ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା,ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା,ପ୍ରସାଦ ବଂଟନ,ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି,ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି,ସ୍ୱାସ୍ଥ୍ୟ ଓ ପରିମଳ କମିଟି,ପାନୀୟ ଜଳ ଯୋଗାଣ କମିଟି,ଆଇନଶୃଙ୍ଖଳା/ପାସ୍ ପ୍ରଦାନ କମିଟି,ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି,ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା । ଶ୍ରୀଜୀଉମାନଙ୍କର ସୁନାବେଶ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯିବାକୁ ନିଷ୍ପତି ନିଆଯାଇଥିଲା । ଏତଦ୍‌ବ୍ୟତୀତ ରଥଯାତ୍ରା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ, ପୁରୁଣା ସହର ପରିପାର୍ଶ୍ୱର ଉନ୍ନତିକରଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

# କିଷାନ ନିଧି ସମ୍ମାନ ଯୋଜନାରେ ବଳକା ୩୫ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଉ: କିଷାନ କଂଗ୍ରେସ

ଭୁବନେଶ୍ୱର, ୨୦/୬ (ନି.ପ୍ର): ପିଏମ୍ କିଷାନ ନିଧି ସମ୍ମାନ କିମ୍ବା କାଳିଆ ଯୋଜନାରେ ଅଦ୍ୟାବଧି ରାଜ୍ୟର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏହି ସହାୟତା ପାଇବାରୁ ବଞ୍ଚିତ । ଆଜି ପର୍ଯ୍ୟନ୍ତ ଓଡ଼ିଶା ଚାଷୀ ସଂଖ୍ୟାର ପରିସଂଖ୍ୟାନ କରାଗଲା ନାହିଁ । ଫଳରେ ଯେଉଁ ଚାଷୀମାନେ ଏହି ସୁବିଧା ପାଇବାକୁ ହକ୍ ସେମାନେ ମଧ ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବରେ ଚାଷୀଙ୍କ ଏକ ସବିଶେଷ ନାମ ଡାଟା ପ୍ରସ୍ତୁତ କରି ଏକକ ଯୋଜନା ମାଧ୍ୟମରେ ମୋଟ ଜନସଂଖ୍ୟାର ୭୦ ପ୍ରତିଶତ କୃଷିଜୀବି ଅର୍ଥାତ ୭୫ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ଆଉ ବଳକା ଥିବା ୩୫ ଲକ୍ଷ ଚାଷୀଙ୍କୁ ପିଏମ୍ କିଷାନ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ବର୍ଷକୁ ୨ଟି କିସ୍ତିରେ ଅନ୍ୟୁନ ୧୫ ହଜାର ଟଙ୍କା କୃଷି ସହାୟତା ଯୋଗାଇ ଦେବାକୁ କଂଗ୍ରେସ ଦଳ ପକ୍ଷରୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି ଚାଷୀଙ୍କ ବାର୍ଷିକ ଆୟକୁ ୨ଗୁଣା ବୃଦ୍ଧି କରିବା ସହିତ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ବର୍ଷକୁ ଦୁଇଟି କିସ୍ତିରେ ଗତ୨୦୨୪ ମାର୍ଚ୍ଚ ୧୧ ତାରିଖ ସୁଦ୍ଧା ରାଜ୍ୟର ମୋଟ ୪୫ ଲକ୍ଷ ୭୬ ହଜାର ଚାଷୀଙ୍କ ଆକାଉଣ୍ଟକୁ ୯୩୩କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି । ଏପରି ମୋଟ ୧୩ଟି କିସ୍ତିରେ ୧୮ ହଜାର କୋଟି ଟଙ୍କାର ସହାୟତା ଦିଆଯାଇଛି । ଅପର ପକ୍ଷରେ କେନ୍ଦ୍ର ସରକାର ପିଏମ୍ କିଷାନ ନିଧି ସମ୍ମାନରେ ବର୍ଷକୁ ୩ କିସ୍ତିରେ ୬ ହଜାର ଟଙ୍କା ଲେଖାଁରେ ଓଡ଼ିଶାର ମୋଟ ୪୦ ଲକ୍ଷ ୯ ହଜାର ଚାଷୀଙ୍କୁ ସହାୟତା ଦେଇଛନ୍ତି । ପୁନଶ୍ଚ ପ୍ରଧାନମନ୍ତ୍ରୀ ତାଙ୍କର ତୃତୀୟ ପାଳିରେ ଚଳିତ ଜୁନ୍-୧୮ ତାରିଖରେ ୧୭ ତମ କିସ୍ତିରେ ଦେଶର ମୋଟ ୯କୋଟି ୨୬ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୨୦ ହଜାର କୋଟି ଟଙ୍କା ଦେଉଛନ୍ତି ।

# ରକ୍ତ ଶିକୁଳି ଜନିତ ରକ୍ତହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୨୦/୬ (ନି.ପ୍ର): ରକ୍ତ ଶିକୁଳି ଜନିତ ରକ୍ତ ହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ସିଏଚସି ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରିବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜିର ଦିବସ ଉପରେ ସଚେତନ କରାଯାଇଥିଲା । ଏହି କାଯ୍ୟକ୍ରମରେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ ନାୟକ ,ମେଡିକାଲ ଅଫିସର ଡାକ୍ତର ମୋନାଲିସା ନାୟକ, ସରପଂଚ ଶୁଶିଳା ପେଣ୍ଡିଆ, ବିପିଏମ ଦିପାନିତା ପଟ୍ଟନାୟକ, ପିଏଚଇଓ ଧରିତ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବିଷାକ୍ତ ମଦ ନେଲାଣି ୩୭ ଜୀବନ



ନୂଆଦିଲ୍ଲୀ, ୨୦/୬ : ତାମିଲନାଡୁର କାଲ୍ଲାକୁରିଚି ଜିଲ୍ଲାରେ ବିଷାକ୍ତ ମଦ ଜୀବନ ନେବାରେ ଲାଗିଛି। ଇତି ମଧ୍ୟରେ ବିଷାକ୍ତ ମଦ ପିଇ ୩୭ ଜଣଙ୍କ ଜୀବନ ଯାଇଛି। ସେହିପରି ଆଉ ୫୫ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛି। ଏମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ପୁଡୁଚେରୀର ଜେଆଇପିଏମଇଆର ଓ ୬ ଜଣଙ୍କୁ ସାଲେମରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଧିକାଂଶ ପୀଡ଼ିତ କରୁନାପୁରମ ଅଞ୍ଚଳର। ନିଜ ପୁଅକୁ ହରାଇଥିବା ଜଣେ ମହିଳା କହିଛନ୍ତି, "ସେ ପେଟରେ ଖୁବ ଯନ୍ତ୍ରଣା ଅନୁଭବ କରିଥିଲା ଓ ଆଖି ଖୋଲିବାକୁ ସକ୍ଷମ ହୋଇ ନଥିଲା। ସେ ପଲିଥିନ ମଦ ପିଇଥିଲା। ପ୍ରାଥମିକ ଅବସ୍ଥାରେ ହସ୍ପିଟାଲ କର୍ତ୍ତୃପକ୍ଷ ପୁଅ ମଦ ପିଇଥିବାରୁ ଆଡମିସନ ପାଇଁ ମନା କରି ଦେଇଥିଲେ। ରାଜ୍ୟ ସରକାର ସମସ୍ତ ମଦ ଦୋକାନକୁ ବନ୍ଦ କରନ୍ତୁ।" ଆଉ ଜଣେ ମା' କହିଛନ୍ତି, "ମୋ ପୁଅ ପେଟରେ ଯନ୍ତ୍ରଣା ଅନୁଭବ କରିବା ସହ ଦେଖିବାକୁ ଓ ଶୁଣିବାକୁ ସକ୍ଷମ ହୋଇ ନଥିଲା। ଏମିତି କାହା ସହ ନ ହେଉ। ମଦ ବିକ୍ରୀ ବନ୍ଦ ହେଉ।" ବିଷାକ୍ତ ମଦ ମୃତ୍ୟୁକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ପୁଲିସ୍ ସନ୍ଦିଗ୍ଧ ବ୍ୟବସାୟୀ ଓ ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ପ୍ରକୃତରେ ମୃତକମାନେ କ'ଣ ପିଇଥିଲେ, ତା'ର ତଦନ୍ତ କରାଯାଉଛି। ଆମେ ୩ ଜଣଙ୍କୁ ଗିରଫ କରିଛୁ। କୌଣସି ସରକାରୀ ଦୋକାନ ନୁହେଁ, ବରଂ ବ୍ୟକ୍ତିଗତ ସ୍ତରରେ ଯୋଗାଣ ହେଉଥିବା ମଦ ପିଇ ଏସବୁ ଘଟଣା ଘଟିଛି।" ରାଜ୍ୟ ସରକାର ଗୋଟିଏ ବିବୃତିରେ କହିଛନ୍ତି, ପଲିଥିନରେ ଥିବା ମଦ ପିଇ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ଫରେନ୍ସିକ ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ଉକ୍ତ ମଦରେ ବିଷାକ୍ତ ମିଥାନଲ ଥିଲା। ଘଟଣା ପରେ ରାଜ୍ୟ ସରକାର ଜିଲ୍ଲା ପୁଲିସ୍ ମୁଖ୍ୟ ସମୟ ସିଂହ ମୀନାଙ୍କୁ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ରଜତ ଚର୍ତୁବେଦୀଙ୍କୁ ନିଯୁକ୍ତି କରିଛନ୍ତି। ଜିଲ୍ଲାପାଳ ଶ୍ରବଣ କୁମାରଙ୍କ ସ୍ଥାନରେ ଏମଏସ୍ ପ୍ରଶାନ୍ତଙ୍କୁ ନିଯୁକ୍ତି ମିଳିଛି। ଏହାବାଦ ଜଣେ ଡେପୁଟି ପୁଲିସ୍ ପାହ୍ୟା ଅଧିକାରୀ, ୩ ଜଣ ଇନସପେକ୍ଟର ଓ ୩ ଜଣ ସବ ଇନସପେକ୍ଟରଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଘଟଣାର ତଦନ୍ତ ଦାୟିତ୍ୱ ରାଜ୍ୟ ସରକାର ସିବି-ସିଆଇଡିକୁ ହସ୍ତାନ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ସ୍ତବ୍ଧ ଓ ମର୍ମାହତ ବୋଲି କହିଛନ୍ତି। ସେ କହିଛନ୍ତି, "ଘଟଣାର ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏହାକୁ ରୋକିବାରେ ବିଫଳ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଶକ୍ତ ହାତରେ ଆମେ ଏହାର ଦମନ କରିବୁ। ଯଦି ଲୋକମାନେ ଏଭଳି ଅପରାଧୀଙ୍କ ବିରୋଧରେ ଅଭିଯୋଗ କରିବେ, ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।" ମୁଖ୍ୟମନ୍ତ୍ରୀ ଷ୍ଟାଲିନ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଆଉ ଜଣେ ମନ୍ତ୍ରୀଙ୍କୁ କାଲ୍ଲାକୁରିଚିକୁ ପଠାଇଛନ୍ତି। ଘଣାର ତଦନ୍ତ ଦାୟିତ୍ୱ ମାଡ୍ରାସ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବି ଗୋକୁଳଦାସଙ୍କ ଅଧ୍ୟକ୍ଷାରେ ହେବ ବୋଲି ସେ କହିଛନ୍ତି। ଏଥିସହ ପୀଡ଼ିତଙ୍କ ପରିବାର ଲୋକଙ୍କ ପାଇଁ ସେ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଘୋଷଣା କରିଛନ୍ତି।

# ନିଦ ହଜାଇଲାଣି ବଜାର ଦର: ଖାଉଟି ଚିନ୍ତାରେ



ଖୋର୍ଦ୍ଧା, ୨୦/୬ (ନି.ପ୍ର): ପ୍ରବଳ ତାତି କୁ ଅସହ୍ୟ ଗୁଳୁଗୁଳି । ତା ସାଙ୍ଗକୁ ପରିବା ବଜାରରେ ମହଙ୍ଗାମାଡ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି । ପ୍ରାୟ ସବୁ ପରିବା ଦର ଅହେତୁକଭାବେ ବଢ଼ିଚାଲିଛି । ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ଖାଉଟି ଚାରିପଟୁ ଛନ୍ଦି ହୋଇ ଯାଉଛନ୍ତି । ଖୁଚୁରା ବଜାରରେ ଡାଲି, ଚାଉଳ, ଅଟା,ତେଲ ଭଳି ତେଜରାତି ସାମଗ୍ରୀ ସହ ପନି ପରିବା ଦର ହୁ ହୁ ହୋଇ ବଢ଼ି ଚାଲିଛି । ସେହିପରି ପାଣିପାଗର ପରିବର୍ତ୍ତନ ହେଉ କିମ୍ବା ପରିବା ଉତ୍ପାଦନରେ ଆମ ଜିଲ୍ଲାର ଚାଷୀ ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଥିବାରୁ ବଜାରରେ ଶାଗ, ସାରୁ, କନ୍ଦମୂଳ, କଂଚା କଦଳୀ, କଖାରୁ ପ୍ରଭୃତି ଚାହିଦା ମୁତାବକ ମିଳୁନି । ଆଳୁ, ବାଇଗଣ, ପିଆଜ, ଟମାଟୋ, ପୋଟଳ ଦର ଗତ ୧୫ଦିନରେ ଆକାଶ ଛୁଆଁ ହେଲାଣି । ନିର୍ବାଚନ ପରେ ସାଧାରଣ ଲୋକେ ଦରଦାମ ବଢିବା ନେଇ ଯେଉଁ ଆଶଙ୍କା କରୁଥିଲେ ତାହା ସତ ହୋଇଛି । ବଜାରରେ ଏବେ ହରଡ଼ ଡାଲି କିଲୋ ୧୬୫ରୁ ୧୭୫ଟଙ୍କା, ମୁଗ ଡାଲି ୯୭ରୁ ୧୦୫ଅଟେ ଏହା ପାଇକାରି ଦର ଅଟେ । ବର୍ତ୍ତମାନ ବଜାରରେ ଯେଉଁ ପରିସ୍ଥିତି ସୃଷ୍ଟି ହେଉଛି ଜଣେ ଦିନ ମଜୁରିଆ ଲଙ୍କା କିଣିବା ମଧ୍ୟ ଭୁଲିଗଲାଣି । କଂଚାପରିବା କିଣିବାକୁ ପ୍ରାୟ ମଧ୍ୟବିତ ପରିବାର ଏକ ପ୍ରକାର ଭୟ କରୁଛନ୍ତି । ଖୋଲା ବଜାରରେ ବଜାର ଭାଉ ହୁ ହୁ ହୋଇ ବଢିବାରେ ଲାଗିଛି । ରାଜ୍ୟରେ ଆଳୁ,ପିଆଜ ଉତ୍ପାଦନ ହ୍ରାସ ଫଳରେ ପିଆଜ ନାସିକ୍ ଏବଂ ଆଳୁ ନିମନ୍ତେ ପାଇକାରୀ ଦୋକାନୀ ପଶ୍ଚିମବଙ୍ଗର ଆଳୁ ଉପରେ ନିର୍ଭର କରୁଥିବାବେଳେ ଆଳୁ ର ଦର ବଜାରରେ କିଲୋ ପିଛା ୩୦ଟଙ୍କା ରହିଛି । ସହିପରି ପିଆଜ ଦର ଏବେ ଖୁଚୁରା ଦୋକାନ ରେ କିଲୋ ପିଛା ୪୦ରୁ ୫୦ଟଙ୍କା ହୋଇଛି । ସେଇଭଳି କଂଚା ପନିପରିବା ଦର ସବୁ ୮୦ ଟଙ୍କା ଉପରେ । ଯାହା ଫଳରେ ଖାଉଟିମାନେ କଂଚା ପରିବା ପରିବର୍ତ୍ତେ ଆଳୁ ଦର କମ ଥିବାରୁ ଅଧିକା ମାତ୍ରାରେ ନେଉଥିବା ଦେଖାଯାଇଛି । ତେବେ ମହଙ୍ଗାମାଡ଼ ରେ ଖାଉଟି ହସ୍ତସନ୍ତ ହେଉଥିବା ବେଳେ ଖାଉଟି କାମ ଚଳାଇବାକୁ ଏକ କିଲୋ ସ୍ଥାନରେ ଅଢେଇଶହ ଗ୍ରାମ କଂଚା ପରିବା କିଣିବାକୁ ବାଧ ହେଉଥିବା ପରିବା କିଣୁଥିବା ଗ୍ରାହକମାନେ ପ୍ରକାଶ କରିଛନ୍ତି । ଜିଲ୍ଲାରେ କଂଚାପରିବା ଉତ୍ପାଦନ କମିବା ପଛରେ କଣ' କାରଣ ରହିଛି ତାହା ଉପରେ କୃଷି ବିଭାଗ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରୁ ମତ ପ୍ରକାଶ ପାଇଛି । ତେବେ ସେମାନେ ମୁଖ୍ୟତଃ କିଛି ପ୍ରମୁଖ କାରଣକୁ ଦାୟୀ କରିଛନ୍ତି ।ସେମାନଙ୍କ କହିବା ମୁତାବକ ଟଙ୍କିକିଆ ଚାଉଳ ଯୋଗାଣ ଫଳରେ ଶ୍ରମିକ ଅଭାବ ଦେଖାଯାଇଛି । ସେହିପରି ଉଦ୍ୟାନ କୃଷି ବିଭାଗ ପନିପରିବା ଚାଷ କରୁଥିବା ଚାଷିମାନଙ୍କ ଯେଉଁ ଅନୁପାତରେ ପ୍ରୋତ୍ସାହନ ଦେବା କଥା ତାହା ସେ କ୍ଷେତ୍ରରେ ଆନ୍ତରିକତା ପ୍ରକାଶ କରୁନି । ପନିପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷିଙ୍କୁ ବିଭିନ୍ନ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଥିବାବେଳେ ଫସଲ ନିମନ୍ତେ କିଛି ସ୍ଥାନରେ ଜମିକୁ ଆବଶ୍ୟକତା ଅନୁଯାୟୀ ଜଳ ସେଚନ ବ୍ୟବସ୍ଥା ନାହିଁ । ସେହିପରି ଚାଷୀ ତାର ଫସଲ ଉତ୍ପାଦନ କରିବା ପରେ ତାକୁ ରଖିବା ନେଇ ସ୍ୱତନ୍ତ୍ର କୋଲ୍ଡ ଷ୍ଟୋର ସବୁଧା ମଧ୍ୟ ନାହିଁ । ଏଥିସହିତ ଚାଷି ସିଧା ସଳଖ କଂଚା ପରିବା ବିକ୍ରି କରିବା ନେଇ ପ୍ରଶାସନ ତରଫରୁ ମଧ୍ୟ ସେପରି କିଛି ପଦକ୍ଷେପ ନିଆଯାଇନାହିଁ ।ଫଳରେ ଚାହିଦା ମୁତାବକ କଂଚା ପରିବା ଉତ୍ପାଦନ କମିବା ରେ ଲାଗିଛି । ତେବେ କଂଚା ପରିବା ଦର ଆକାଶ ଛୁଆଁ କୁ ନେଇ ଖାଉଟି ଚିନ୍ତାରେ ପଡ଼ିଥିବାବେଳେ ସରକାର ଦର ନିୟନ୍ତ୍ରଣ ଏବଂ କଂଚା ପରିବା ଅଧିକା ଉତ୍ପାଦନ କରିବା ପାଇଁ ଚାଷିଙ୍କର ଏହି ସମସ୍ୟା ଉପରେ ବିଶେଷ ଦୃଷ୍ଟି ଦେବାପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଅସହ୍ୟ ତାତିରୁ ମିଳୁନି ଆଶ୍ୱସ୍ତି : ଚିନ୍ତାରେ ବୟସ୍କ ଜନସାଧାରଣ

ଧର୍ମଶାଳା, ୨୦/୬ (ନି.ପ୍ର): ଆଷାଢ ମାସ ସରି ଆଉ କିଛି ଦିନ ପରେ ଶ୍ରାବଣ ମାସ ଚାଲିବ । ଏହି ମାସରେ ତାତିରୁ ଆଶ୍ୱସ୍ତି ମିଳିବା କଥା । ହେଲେ ତାତି ଓ ଅସହ୍ୟ ଗୁଳଗୁଳି ଦିନକୁ ଦିନ ବଢିବାରେ ଲାଗିଛି । କମିବାର ନାଁ ନେଉନାହିଁ । ଯାହାକୁ ନେଇ ବୟସ୍କ ବ୍ୟକ୍ତି ବିଶେଷ ଏହି ତାତିରେ ବହୁ କଷ୍ଟ ପାଉଛନ୍ତି । ତେବେ ତାତିରେ କେବେ ବ୍ରେକ୍ ଲାଗିବ ତାହାକୁ ସମସ୍ତଙ୍କ ଅପେକ୍ଷା । ପାଣିପାଗ ବିଶେଷଜ୍ଞ ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡିଶାରେ ମୌସୁମୀ ପ୍ରବେଶ କରିବ ବୋଲି ପୂର୍ବାନୁମାନ କରିଥିଲେ । ଦିନ ପରେ ଦିନ ଗଡି ଚାଲୁଥିଲେ ମଧ୍ୟ ମୌସୁମୀର ଦେଖା ମିଳିନାହିଁ । ଅନ୍ୟପକ୍ଷରେ ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟକୁ ଖୋଲିବାକୁ ଅନୁମତି ଦେଇଛନ୍ତି । ସକାଳ ୮ଟା ହେଲେ ଶ୍ରେଣୀ ଗୃହରେ ଅସହ୍ୟ ଗୁଳଗୁଳିରେ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟ ପଟେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଦ୍ୟୁତ୍ କାଟ୍ ଏହି ଯନ୍ତ୍ରଣାକୁ ଦ୍ୱିଗୁଣିତ କରୁଛି । ଓଭର ଲୋଡ ପଡିବା ଫଳରେ ବିଦ୍ୟୁତ୍ କାଟ ହେଉଛି । ବିନା କାରଣରେ ବିଜୁଳି କାଟ କରାଯାଉନଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଶେଷ କରି ଯାଜପୁର ଜିଲାର ବଡଚଣା ଓ ଧର୍ମଶାଳା ପାହାଡିଆ ଅଂଚଳ ହୋଇଥିବା ବେଳେ ଏଠାରେ ଦିନ ବେଳା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏପରିକି ଅନେକ ସ୍ଥାନୀୟ ଲୋକ ପାନୀୟ ଜଳ ପାଇଁ ବାର ଦୁଆରେ ଛିଡା ହେଉଥିବା ଦେଖିବାକୁ ମିଳିଛି।

# ଛେଳି ମଡ଼କ ନେଇ ସସପେନ୍ସ, ଥାନାରେ ଅଭିଯୋଗ : ପ୍ରାଣୀ ଚିକିତ୍ସାଧିକାରୀଙ୍କ ତଦନ୍ତ ଆରମ୍ଭ

ନୂଆପଡ଼ା, ୨୦/୬ (ନି.ପ୍ର): ଚରିବାକୁ ଯାଇଥିଲେ, ସଂଜକୁ ଘରକୁ ଫେରିଲେ ଓ ହଠାତ୍ ଟଳି ପଡ଼ିଲେ। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖଡ଼ିଆଳ ବ୍ଲକ ଅରେଡା ଗ୍ରାମପଂଚାୟତର ମୁହୂରା ଗ୍ରାମରେ। ଗତକାଲି ଗାଆଁର ପୁରୁଷୋତମ ଷଣ୍ଢ ଙ୍କ ୨୯ଟି ଛେଳି ଚରିବାକୁ ଯାଇଥିଲେ। ଗାଁ ର ଅନ୍ୟମାନଙ୍କ ସହ ସବୁ ଛେଳି ଚରିଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ହଠାତ୍ ଗୋଟିଏ ପରେ ଗୋଟିଏ ଛେଳି ତଳେ ଗଡି ପଡ଼ିଲେ। ପରିବାର ଲୋକେ ଦେଖିଲା ବେଳକୁ ୧୪ଟି ଛେଳି ମରି ଯାଇଛନ୍ତି। କୌଣସି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ନ ଦେଖାଇ ଏତେ ଛେଳି ମରିଯିବା ପରିବାର ଲୋକଙ୍କୁ ହତଚକିତ କରି ପକାଇଛି। ପରିବାର ଲୋକଙ୍କ କହିବା ଅନୁସାରେ, ସବୁ ଛେଳି ସୁସ୍ଥ ଥିଲେ ଓ କାଲି ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ ଗାଁ ର ସବୁ ଛେଳି ଗାଇଙ୍କ'' ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇଥିଲା। ପରେ ପୁରୁଷୋତମଙ୍କ କାକି ରସତୁଲ୍ଲା ଷଣ୍ଢ ଅନ୍ୟ ମାନଙ୍କ ସହ ଛେଳି ଚରାଇବାକୁ ନେଇଥିଲେ। ସବୁ ଛେଳି, ଗାଇ ଚରିବା ସମୟରେ ସ୍ୱାଭାବିକ ଅବସ୍ଥାରେ ଥିଲେ। କିନ୍ତୁ, ଘରକୁ ଆସିଲା ପରେ ହଠାତ୍ ଚଉଦଟି ଛେଳି ମରି ଯାଇଥିଲେ। ପୁରୁଷୋତମ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଓ ଏତେ ଛେଳି ମରିଯିବା ପରେ ତାଙ୍କ ମୁଣ୍ଡରେ ଚଡ଼କ ପଡ଼ି ଯାଇଛି। ସବୁ ମୃତ ଛେଳିର ହିସାବ ତିନି ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ହିସାବ କରାଯାଉଛି। ସେହିପରି ପୁରୁଷୋତମଙ୍କ କାକା ମୁକୁନ୍ଦଙ୍କ ପଟେ ବଳଦ ମଧ୍ୟ ସେହି ସମୟରେ ହଠାତ୍ ମରି ଯାଇଛି। କିଛି ଦିନ ତଳେ ସେ ଚାଳିଶି ହଜାର ଟଙ୍କା ଦେଇ ଏକ ଯୋଡ଼ି ବଳଦ କିଣି ଥିବା ବେଳେ ପଟେ ବଳଦ ମରିଯିବା ପରେ ସେ ଅସହାୟ ହୋଇ ପଡିଛନ୍ତି। ଏବେ ଚାଷ ସମୟ ଆସିଥିବା ବେଳେ କେମିତି ଚାଷ କାର୍ଯ୍ୟ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଉଭୟେ ସରକାରୀ ସହଯୋଗ ପାଇଁ ନିବେଦନ କରିଛନ୍ତି। ଏନେଇ ପୁରୁଷୋତମ ଖଡ଼ିଆଳ ପୁଲିସରେ ଅଭିଯୋଗ କରିବା ସହ ଜିଲ୍ଲା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଜଣାଇଥିଲେ। ଆଜି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ ଶେଠଙ୍କ ନେତୃତ୍ୱରେ ଏଡିଭିଓ ଡି ସି ବାଲକୃଷ୍ଣ ଦ୍ୱିବେଦୀ, ବି ଭି ଓ ଖଡ଼ିଆଳ ସଂଗ୍ରାମ କେଶରୀ ବେହେରା, ଭିଟିଖା ପିତାମ୍ବର ଧରୁଆ, ଭିଟି ବାଦି ରମେଶ ଚନ୍ଦ୍ର ପାଣିଗ୍ରାହୀ, କମଳ ଲୋଚନ ମାଝୀ, ନୀଳାମ୍ବର ସୁନା ଓ ଦୁର୍ଯ୍ୟୋଧନ ରଣା ଆସି ତଦନ୍ତ କରିଛନ୍ତି। ସବୁ ପ୍ରାଣୀଙ୍କ ପୋଷ୍ଟ ମର୍ଟମ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ଓ ଏହି ପରିବାରକୁ ସହାୟତା ପାଇଁ ସରକାରଙ୍କୁ ଜଣାଇବେ ବୋଲି ଶ୍ରୀ ଶେଠ କହିଛନ୍ତି।

# ପାରିବାରିକ କଳହ : ସ୍ତ୍ରୀକୁ ହତ୍ୟାକଲା ସ୍ୱାମୀ

ମାଲକାନଗିରି, ୨୦/୬ (ନି.ପ୍ର): ପାରିବାରିକ କଳହର କରୁଣ ପରିଣତି। ସ୍ତ୍ରୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ। ଏପରି ଲୋମ ହର୍ଷଣକାରୀ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅଧିନ ମହାରାଜପାଲୀ ପଂଚାୟତ କୋଇକୋଣ୍ଡା ଗ୍ରାମରେ। ମୃତ ମହିଳା ଜଣକ ହେଲେ ଯୋଗୀ ସାଲବମ (୨୬ ବର୍ଷ)। ସୂଚନାନୁଯାୟୀ, ମୋଟୁ ଥାନା କାଟନପଲ୍ଲୀ ଗ୍ରାମର ଯୋଗୀ ଗତ ୬ ବର୍ଷ ତଳେ କୋଇକୋଣ୍ଡା ଗ୍ରାମର ନାଗା ସାଲବମଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଅତ୍ୟଧିକ ଝଗଡା ହେବାରୁ ଯୋଗୀ ଘର ଛାଡି ନିଜ ଭାଇ ଦାନେଲ ଘରକୁ ପଳାଇ ଥିଲେ। ପରେ ଉଭୟ ପରିବାର ମଧ୍ୟରେ ବୁଝାସୁଝା ହେବାରୁ ସ୍ୱାମୀ ସହ ଫେରି ଥିଲେ। ଗତକାଲି ସକାଳେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ସ୍ୱାମୀ ନାଗା ଏକ ଧାରୁଆ କଟୁରୀ ନେଇ ଯୋଗୀ ସାଲବମର ବେକକୁ କାଟିବା ସହ ଶରୀରର ବିଭିନ୍ନ ଅଙ୍ଗକୁ କ୍ଷତବିକ୍ଷତ କରିଥିଲେ। ଘଟଣାସ୍ଥଳରେ ପତ୍ନୀ ଯୋଗୀର ମୃତ୍ୟୁ ଘଟିଥିଲା। ଏହି ଖବର ଗ୍ରାମବାସୀ ଜାଣିପାରି ମୋଟୁ ଥାନାକୁ ଜଣାଇଥିଲେ। ମୋଟୁ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ମୃତ ମହିଳାଙ୍କ ଶବ ଜବତ କରି ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭର୍ତ୍ତୃହରି ମହତାବ ଲୋକସଭାର...

ବିଜେପି ଟିକେଟରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ସମ୍ବିଧାନର ଅନୁଚ୍ଛେଦ ୯୫ (୧) ଦ୍ୱାରା ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଲୋକସଭାର କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଛନ୍ତି। ଲୋକସଭା ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ସେ ବାଚସ୍ପତିଙ୍କ ଦାୟିତ୍ୱ ତୁଲାଇବେ। ଜୁନ୍ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହେବ। ତା'ପୂର୍ବରୁ କାମଚଳା ବାଚସ୍ପତି ଭାବେ ଭର୍ତ୍ତୃହରି ମହତାବ ଲୋକସଭାକୁ ନିର୍ବାଚିତ ହୋଇଆସିଥିବା ଜନପ୍ରତିନିଧି ମାନଙ୍କୁ ସାଂସଦ ଭାବେ ଶପଥ ପାଠ କରାଇବେ। ଅଷ୍ଟଦଶ ଲୋକସଭାର ନବ ନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇବାରେ କାମଚଳା ବାଚସ୍ପତିଙ୍କୁ ସହଯୋଗ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ସାଂସଦ ସୁରେଶ କୋଡିକୁନ୍ନିଲ, ଟି.ଆର ବାଲୁ, ରାଧା ମୋହନ ସିଂହ, ଫଗନ ସିଂ କୁଲସ୍ତେ ଓ ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ମନୋନୀତ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୯୯ ଦ୍ୱାର ପ୍ରଦତ୍ତ କ୍ଷମତାର ଉପଯୋଗ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି।

### କେବେ ଖୋଲିବ...

ରତ୍ନଭଣ୍ଡାର ଅଳଙ୍କାର ତଦାରଖ କମିଟି ମଧ୍ୟ ଗଢ଼ା ଯାଇଛି। ଯାହାର ଦୁଇ ଥର ବୈଠକ ସରିଛି। ଯା ଭିତରେ ଶ୍ରୀମନ୍ଦିର ଚାରି ଦ୍ୱାର ଓ ରତ୍ନଭଣ୍ଡାରକୁ ନିର୍ବାଚନୀ ଏଜେଣ୍ଡାରେ ରଖି ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିବା ବେଳେ, କେତେ ଶୀଘ୍ର ଖୋଲୁଛି ମହାପ୍ରଭୁଙ୍କ ଅଳଙ୍କାର ଭଣ୍ଡାର, ଏବେ ତାକୁ ଅପେକ୍ଷା।

### ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ...

ଗିରଫ ହୋଇ ନାହାନ୍ତି। ସେମାନଙ୍କ ବୟାନକୁ ମଧ୍ୟ ବିଚାରକୁ ନିଆଯାଇ ମାମଲା ହୋଇଛି। ତଥାକଥିତ ସାଉଥ ଗ୍ରୁପ ଠାରୁ ୧୦୦ କୋଟି ମିଳିଥିବା ଦାବି କରାଯାଉଛି। କିନ୍ତୁ ଏହାର କୌଣସି ପ୍ରମାଣ ମିଳିନାହିଁ। ୧୦୦ କୋଟି ମିଳିଥିବା ଗୋଟିଏ ବୟାନ। ଏହା ପ୍ରମାଣ ନୁହେଁ।" ଏହା ଶୁଣିବା ପରେ ସନ୍ଧ୍ୟା ୮ଟାରେ କୋର୍ଟ ରାୟ ପ୍ରକାଶ କରି କେଜ୍ରିୱାଲଙ୍କୁ ଜାମିନ ଦେଇଛନ୍ତି।

### ଯୁଦ୍ଧ ରୋକି ...

କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ଲିକକୁ ରୋକିବାରେ ବିଫଳ ହୋଇଛନ୍ତି। ସେ ଲିକ ରୋକିବାକୁ ମଧ୍ୟ ଚାହୁଁ ନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ-ରୁଷ ଯୁଦ୍ଧକୁ ରୋକି ଦେଇଥିଲେ। କିନ୍ତୁ ପେପର ଲିକ୍‌କୁ ରୋକି ପାରୁ ନଥିବା ରାହୁଲ କଟାକ୍ଷ କରି କହିଛନ୍ତି। ନିଟ ପ୍ରସଙ୍ଗରେ ଆଜି ରାହୁଲ ଗାନ୍ଧି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ବିଜେପି ନିୟନ୍ତ୍ରଣରେ ବିଶ୍ୱବିଦ୍ୟାଳୟଗୁଡ଼ିକ ରହିଥିବା ଯାଏ ଦେଶରେ ପେପର ଲିକ ଜାରି ରହିବ। ପେପର ଲିକ ଗୋଟିଏ ଦେଶଦ୍ରୋହୀ କାମ। କାରଣ ଏହା ଦେଶର ଯୁଗଗୋଷ୍ଠୀଙ୍କୁ ଆଘାତ ଦେଉଛି। ଯୁବଗୋଷ୍ଠୀ ହେଉଛନ୍ତି, ଦେଶର ଭିବଷ୍ୟତ। ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଏହାର କୁଳପତିମାନେ ବିଜେପି ନିୟନ୍ତ୍ରଣରେ ରହିଛନ୍ତି। ବିଜେପି ଓ ଏହାର ମୂଳ ସଂଗଠନ ଏଗୁଡ଼ିକୁ ପରିଚାଳନା କରୁଛନ୍ତି। ବ୍ୟାପମ ମଧ୍ୟପ୍ରଦେଶରେ ହୋଇଥିଲା। ଏହାକୁ ଏବେ ସରକାର ପୂରା ଦେଶରେ ବିସ୍ତାର କରିଛନ୍ତି। ସରକାର ପେପର ଲିକକୁ ରୋକିବା ପାଇଁ ଚାହୁଁ ନଥିବାରୁ ପିଲାମାନେ ଅନେକ ସମସ୍ୟା ଭୋଗୁଥିବା ରାହୁଲ କହିଛନ୍ତି। ସେ ଆହୁରି କହିଛନ୍ତି, "ଦେଶର କେହି ବି ତାଙ୍କୁ(ପ୍ରଧାନମନ୍ତ୍ରୀ ମୋଦି) ଡରୁ ନାହାନ୍ତି। ପୂର୍ବରୁ ଛାତି ୫୬ ଇଞ୍ଚର ଥିଲା। କିନ୍ତୁ ଏବେ ପ୍ରକୃତ ସଂଖ୍ୟା କହିପାରିବି ନାହିଁ। ତଥାପି ଏହା ୩୦ରୁ ୩୨ ହୋଇଯାଇଥିବ। ତାଙ୍କ କାମ କରିବାର ଶୈଳୀ ହେଲା ଲୋକଙ୍କୁ ଡରାଇବା ଓ ଧମକାଇବ। କିନ୍ତୁ ଏବେ ସେ ଭୟ ଚାଲି ଯାଇଛି। ଆପଣମାନେ ଦେଖିଛନ୍ତି କି ନାହିଁ, ମୁଁ ଜାଣିନି। କିନ୍ତୁ କେହି ଜଣେ ତାଙ୍କୁ ବାରାଣସୀରେ ଚପଲରେ ମାରିଛନ୍ତି। ନିର୍ବାଚନ ପୂର୍ବରୁ ତାଙ୍କୁ ମାଡ଼ ମାରିବାକୁ ଚାହୁଁଥିବା କେହି ଜଣେ ନିଶ୍ଚିତ ଡରୁଥିବେ। ଏବେ ସେ ଭୟ ଆଉ ନାହିଁ। ଏବେ ଆଭ୍ୟନ୍ତରୀଣ ସମସ୍ୟା ରହିଛି। ଦଳରେ ବି ସମସ୍ୟା ସୃଷ୍ଟି ହୋଇଛି। ମୂଳ ସଂଗଠନ ସହ ମଧ୍ୟ ତିକ୍ତତା ରହିଛି। ତେଣୁ ମୁଁ କହିବାକୁ ଚାହୁଁଛି ଯେ ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରାକୁ ବିରୋଧୀ ଧରାଶାୟୀ କରିଛନ୍ତି। ଏହା ଶେଷ ହୋଇଯାଇଛି। ଏବେ ଗୋଟିଏ ଶକ୍ତିଶାଳୀ ବିରୋଧୀ ରହିଛନ୍ତି। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ।" ନିଟ ପ୍ରସଙ୍ଗରେ ରାହୁଲ କହିଛନ୍ତି, "ନିଟ୍ ପରୀକ୍ଷାରେ ଏନଟିଏକୁ ଶିକ୍ଷା ମନ୍ତ୍ରୀ କ୍ଲିନଚିଟ ଦେବାର ଅର୍ଥ ସେମାନଙ୍କର ଏ ପ୍ରସଙ୍ଗରେ କୌଣସି ପ୍ରକାରର ଉତ୍ତରଦାୟିତ୍ୱ ନାହିଁ। ଯଦି ସେମାନେ କ୍ଲିନଚିଟ ଦେଉଛନ୍ତି, ତା'ହେଲେ ସେମାନଙ୍କର ଉତ୍ତରଦାୟିତ୍ୱ ଶୂନ। ସମସ୍ତେ ଜାଣିଛନ୍ତି ଯେ ପୂରା ଘଟଣାର ମୂଳ ହେଉଛି ମଧ୍ୟପ୍ରଦେଶ, ଗୁଜରାଟ ଓ ଉତ୍ତର ପ୍ରଦେଶ।"

# ୩ ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୦/୬ (ନି.ପ୍ର): ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଲେ ୩ ନକ୍ସଲ। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଛତିଶଗଡ଼ ସୁକମା ଅଂଚଳର। ଆଜି ମାଲକାନଗିରି ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଗାଁରେ ରହୁଥିଲେ ଓ ନକ୍ସଲ ସଙ୍ଗଠନକୁ ସୂଚନା ପ୍ରଦାନ କରୁଥିଲେ। ତେବେ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ସଙ୍ଗଠନ ଠାରୁ ଦୂରେଇ ଯାଇଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ହେଲେ ଦେବ ମଡଭି, ଆଡମ୍ ମାଡ଼କାମୀ ଓ ମୁକା ସୋଡି। ଏହି ୩ ନକ୍ସଲଙ୍କ ଘର ଛତିଶଗଡ଼ ରାଜ୍ୟର ସୁକମା ଅଂଚଳରେ। ଦେବ ୨୦୨୦ ମସିହାରେ ନକ୍ସଲ ସଙ୍ଗଠନରେ ସାମିଲ୍ ହୋଇଥିଲା। ସେ ସାଉଥ୍ ବସ୍ତର ଡିଭିଜନର ଗ୍ରାମ ରକ୍ଷକ ଦଳର ସଦସ୍ୟ ଭାବେ ଯୋଗଦେଇଥିଲା। କିନ୍ତୁ, ସେ ନିଜ ଗାଁରେ ରହୁଥିଲା। ଖାଦ୍ୟ ସାମଗ୍ରୀ ଓ ସୂଚନା ନକ୍ସଲଙ୍କୁ ପଠାଉ ଥିଲା। ମାତ୍ର କୋଂଟାରେ ସିଆରପିଏଫ୍ କ୍ୟାମ୍ପ ହେବା ପରେ ଦେବ ସଙ୍ଗଠନ ଛାଡ଼ିବା ପାଇଁ ବାଧ ହୋଇଥିଲା। ସେହିପରି ଆଡମ୍ ମାଡ଼କାମୀ ୨୦୧୯ ମସିହାରେ ନକ୍ସଲ ସଙ୍ଗଠନରେ ଯୋଗଦେଇଥିଲେ। ସେ କୋଣ୍ଟାର ଭୁମ୍ମାଲର ମିଲିସିଆ ଭାବେ ସାମିଲ୍ ହୋଇଥିଲେ। ୨୦୨୧ ମସିହାରେ ସେ ଗ୍ରାମ ରକ୍ଷକ ଦଳର ସଦସ୍ୟ ଭାବେ ଯୋଗଦେଇଥିଲେ। ଜାନୁଆରୀ ୨୦୨୪ ମସିହା ପର୍ଯ୍ୟନ୍ତ ସେ ସକ୍ରିୟ ରହିଥିଲା। ସେହି ସମୟରେ ସେ ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପରେ ସାମିଲ୍ ହୋଇଥିଲା। ଆଇଡି ପ୍ଲାଂଟ କରିବା ସହିତ ପୁଲିସ କ୍ୟାମ୍ପ ଉପରେ ଆକ୍ରମଣରେ ତାଙ୍କର ଭୂମିକା ଥିଲା। ତେବେ କୋଂଟାରେ ସିଆରପିଏଫ୍ କ୍ୟାମ୍ପ ହେବା ପରେ ସଙ୍ଗଠନ ଛାଡ଼ିବା ପାଇଁ ବାଧ ହୋଇଥିଲା ଆଡମ୍ ମାଡ଼କାମୀ।

ମୁକା ସୋଡି ୨୦୧୮ ମସିହାରେ ନକ୍ସଲ ସଙ୍ଗଠନରେ ସାମିଲ୍ ହୋଇଥିଲା। ସେ ମିଲିସିଆ ସଭ୍ୟ ଭାବେ ନକ୍ସଲ ସଙ୍ଗଠନ କୋଂଟାରେ ଯୋଗଦେଇଥିଲା। ୨୦୨୨ ମସିହାରେ ଗ୍ରାମ ରକ୍ଷକ ଦଳର ସଦସ୍ୟ ଭାବେ ସାମିଲ୍ ହୋଇଥିଲା। ଗାଁରେ ରହୁଥିଲା। ରାସନ ସାମଗ୍ରୀ ଓ ଖବର ସଂଗ୍ରହ କରି ନକ୍ସଲ ସଙ୍ଗଠକୁ ପଠାଉ ଥିଲା।

# ଜାରକା ଅଂଚଳର ବିଭିନ୍ନ ସ୍ଥାନରେ ଜିଏସଟି ବିଭାଗ ପକ୍ଷରୁ ଚଢ଼ଉ

ଧର୍ମଶାଳା, ୨୦/୬ (ନି.ପ୍ର): ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଆଜି ଜିଏସଟି ବିଭାଗ ପକ୍ଷରୁ ଚଢଉ କରାଯାଇଛି। ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ବଜାର ଅଂଚଳର ବିଭିନ୍ନ ସ୍ଥାନରେ ଜିଏସଟି ଅଧିକାରୀମାନେ ଆଜି ଅଚାନକ ଚଢ଼ଉ କରିଥିଲେ । ତେବେ ସ୍ଥାନୀୟ ଅଂଚଳର ଠିକାଦାର ଗୌତମ ସାହୁ ଓ ଗଜେନ୍ଦ୍ର ବେହେରାଙ୍କ କାର୍ଯ୍ୟାଳୟରେ ଚଢଉ କରାଯାଇଥିବା ଜଣାପଡିଛି । ଅଧିକାରୀମାନେ ସେମାନଙ୍କ କାର୍ଯ୍ୟାଳୟରେ ଚଢ଼ଉ କରିବା ସହିତ ବିଭିନ୍ନ କାଗଜପତ୍ର ଯାଂଚ କରିଥିଲେ । ଏହି ସମୟରେ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ।

# ବଳଦେବ ଉଚ୍ଚ ବିଦ୍ୟାଳୟ ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୨୦/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାସ୍ଥିତ ବଳଦେବ ଉଚ୍ଚ ବିଦ୍ୟାଳୟ ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ବହୁ ଆଡମ୍ବର ସହ ବଡ ମଙ୍ଗଳା ସ୍ଥିତ ଏକ ମଣ୍ଡପରେ ପାଳନ କରାଯାଇଛି। ସେଥିରେ ସମସ୍ତ ପୂର୍ବତନ ଶିକ୍ଷକବୃନ୍ଦ ନରହରି ସାର, ପୁରୁଷୋତମ ସାର୍, ବନମାଳୀ ସାର୍, ପ୍ରତାପ ସାର୍, ହରେକୃଷ୍ଣ ସାର୍, ଚିରରଞ୍ଜନ ସାର୍‌ମାନଙ୍କ ସହିତ ସ୍ୱର୍ଗତଃ ରାଧାକୃଷ୍ଣ ସାର, ରଞ୍ଜନ ସାର୍, ଦେବ ସାର୍, ନିରାକାର ସାର୍ ଓ ଅନ୍ତ ସାର୍‌ଙ୍କ ପରିବାରର ସଦସ୍ୟ ଯୋଗଦାନ କରି କାର୍ଯ୍ୟକ୍ରମ ଶୋଭା ବଢେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷକ ଏବଂ ସ୍ୱର୍ଗତ ଶିକ୍ଷକଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଚିରରଞ୍ଜନ ସାର୍ ଏବଂ ପୁରୁଷୋତମ ସାର୍ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବକ୍ତବ୍ୟ ଶେଷରେ ଚିରରଞ୍ଜନ ସାର୍ ନିଜ ଲିଖିତ କବିତା ଛାତ୍ରଛାତ୍ରୀମାନଙ୍କୁ ଭେଟି ଦେଇଥିଲେ। ଏହା ପିଲାମାନଙ୍କ ମନରେ ଆନନ୍ଦର ଲହରୀ ଖେଳେଇ ଦେଇଥିଲା। ଦୀର୍ଘ ୨୬ବର୍ଷ ବିତି ଯାଇଥିଲେ ମଧ୍ୟ ଗୁରୁଶିଷ୍ୟଙ୍କ ସମ୍ପର୍କ ଅତୁଟ ଏବଂ ମଧୁର ବୋଲି ପ୍ରମାଣିତ ହୋଇଥିଲା। ଜିଲ୍ଲା, ରାଜ୍ୟ ଏବଂ ଦେଶ ବାହାରର ସହପାଠୀମାନେ ତାଙ୍କ ବ୍ୟସ୍ତବହୁଳ ଜୀବନରୁ ବିରତି ନେଇ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଏହାକୁ ସଫଳ କରିଥିଲେ। ସହପାଠୀମାନଙ୍କ ମଧ୍ୟରେ ଆନନ୍ଦ, ଉତ୍ସାହ ଏବଂ ଆନ୍ତରିକତା ଦେଖି ୨୬ବର୍ଷ ବ୍ୟବଧାନ ମାତ୍ର ୨୬ଦିନ ଭଳି ଅନୁଭୂତ ହୋଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମର ସୁତ୍ରଧର ଜୋସ୍ନାମୟୀଙ୍କ ବିଚାରକୁ ସତ୍ୟରେ ପରିଣତ କରିବା ପାଇଁ ବିଶ୍ୱଜିତ୍ ଏବଂ ପବିତ୍ରଙ୍କ ସହିତ ବିଭୁପ୍ରକାଶ ସାହୁ, ଭଗବାନ ଗୁରୁ ଏବଂ ରାଜେନ୍ଦ୍ର ନାୟକ ତାଙ୍କ ବହୁମୂଲ୍ୟ ସମୟ ବିନିଯୋଗ କରି ଏହାକୁ ସଫଳତାର ସ୍ୱାଦ ଚଖାଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ବହୁ ଆଡମ୍ବରର ସାଜସଜ୍ଜା ସହ ସୁସ୍ୱାଦୁ ଖାଦ୍ୟପେୟ ତଥା ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହପାଠୀମାନେ ନିଷ୍ପତି ନେଇଥିଲେ ଯେ ଭବିଷ୍ୟତରେ ଏହି ବନ୍ଧୁମିଳନ ମାଧ୍ୟମରେ ସମସ୍ତଙ୍କ ସହ ଯୋଡ଼ି ହୋଇ ରହିବେ ଓ ପରସ୍ପରକୁ ସୁଖଦୁଃଖରେ ସହାୟତା କରିବେ ତଥା ମିଳିମିଶି କିଛି ଭଲ କାର୍ଯ୍ୟ କରିବାରେ ସମୟ ବିନିଯୋଗ କରିବେ। ଶେଷରେ ସହପାଠୀମାନେ ଏକ ଅଭୁଲା ସ୍ମୃତି ସାଥିରେ ନେଇ ବହୁଶୀଘ୍ର ପୁନଃମିଳନର ପ୍ରତିଶୃତି ଦେଇ ପରସ୍ପରଠାରୁ ବିଦାୟ ନେଇଥିଲେ।

## ଡ୍ରେନରେ ବୁଡି ନାବାଳକ ମୃତ୍ୟୁ ଘଟଣା: ବିଏମ୍‌ସି ଡ୍ରେନେଜ ଡିଭିଜନର ସହକାରୀ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୨୦/୬ (ନି.ପ୍ର): ରାଜଧାନୀରେ ନାଳରେ ଭାସିଯାଇ ଜଣେ ନାବାଳକ ମୃତ୍ୟୁବରଣ କରିବା ଘଟଣାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଘଟଣାର ତଦନ୍ତ ରିପୋର୍ଟ ହସ୍ତଗତ ହେବାପରେ ଆଜି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଡ୍ରେନେଜ ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କୁ ନିଲମ୍ବନ କରାଯିବା ସହିତ ତାଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉଲ୍ଲେଖନୀୟ ଯେ ଗତ ୧୮ତାରିଖ ଦିନ ତିନି ନମ୍ବର ୟୁନିଟ୍ ଅଂଚଳରେ ଜଣେ ୯ବର୍ଷର ବାଳକ ନାଳରେ ଭାସିଯାଇ ମୃତ୍ୟୁବରଣ କରିଥିଲେ । ନାଳରେ ଭାସୁଥିବା ଗୋଟିଏ ବେଲୁନ୍ ଆଣିବାକୁ ଯାଇ ବାଳକଟି ଏଭଳି ଦୁର୍ଘଟଣାର ଶିକାର ହୋଇଥିବାବେଳେ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତ ବାଳକର ପରିବାର ପାଇଁ ୪ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ କର୍ତ୍ତୃପକ୍ଷଙ୍କ ଠାରୁ ଏ ସଂକ୍ରାନ୍ତୀୟ ରିପୋର୍ଟ ତଲବ କରିଥିଲେ । ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । କର୍ତ୍ତୃପକ୍ଷ ମଧ୍ୟ ତୁରନ୍ତ ଘଟଣାର ସରଜମିନ ତଦନ୍ତ କରି ରିପୋର୍ଟ ଦେଇଥିଲେ । ରିପୋର୍ଟଟି ହସ୍ତଗତ ହେବାପରେ ଆଜି ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯେଉଁ ସ୍ଥାନରେ ପିଲାଟି ନାଳରେ ପଡି ଭାସି ଯାଇଥିଲା ସେହି ସ୍ଥାନରେ ବାଡ ଲଗାଯାଇନଥିବା ରିପୋର୍ଟରେ ଦର୍ଶାଯାଇଥିଲା । ଏଭଳି ସମ୍ବେଦନଶୀଳ ସ୍ଥାନରେ ବାଡ ନଲଗାଇବା ପାଇଁ ୫ ନମ୍ବର ଡ୍ରେନ ଡିଭିଜନ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଶ୍ରୀ ଦାସଙ୍କୁ ଦାୟୀ କରାଯାଇଛି । ତଦନୁଯାୟୀ ରାଜ୍ୟ ସରକାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଶ୍ରୀ ଦାସଙ୍କୁ ଆଜି ନିଲମ୍ବନ କରିଛନ୍ତି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା




ଭଦ୍ରକ, ୨୦/୬ (ନି.ପ୍ର): ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ତଥା ନିରାକରଣ ଉଦ୍ଦେଶ୍ୟରେ ଜୁନ ୧ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ମାସ ତମାମ ଚାଲୁ ରହିଥିବା ଅଭିଯାନର କାର୍ଯ୍ୟସୂଚୀ ଅନୁଯାୟୀ ଜୁନ ୨୦ ଗୁରୁବାର ସକାଳେ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ଏକ ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଶୋଭାଯାତ୍ରାରେ ଭଦ୍ରକ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଆସିୟାନା ମୁକ୍ତାଶ୍ରୟର ସଂଯୋଜକ ରିଆଜ ମହମ୍ମଦ ପ୍ରମୁଖଙ୍କ ସହ ଚାଇଲ୍ଡ଼ ଲାଇନ୍ ସଦସ୍ୟ, ଚାଇଲଡ୍ କେୟାର ୟୁନିଟ୍‌ର ସଦସ୍ୟ, ଅଙ୍ଗନବାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଆସିୟାନାର ଛାତ୍ରଛାତ୍ରୀ ବୃନ୍ଦ ଏହି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଏହି ଶୋଭାଯାତ୍ରା ଡ଼ିଭିଜନାଲ ଲେବର କମିଶନର କାର୍ଯ୍ୟାଳୟ, ଭଦ୍ରକରୁ ବାହାରି ଭଦ୍ରକ ସହର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଶିଶୁ ଶ୍ରମିକ ନିୟୋଜନ ଏକ ଦଣ୍ଡନୀୟ ଅପରାଧ, ଶ୍ରମ ନୁହେଁ ଶିକ୍ଷା ଚାହୁଁ ଆଦି ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ଼ ଏହି ଶୋଭାଯାତ୍ରାରେ ପ୍ରଦର୍ଶନ କରାଯାଇଥିଲା । ଏହି ଉଦ୍ଦେଶ୍ୟରେ ଗତ ୧୨ ଜୁନ୍‌ରେ ଉଦ୍‌ଘାଟିତ ଓ ପରିକ୍ରମା କରିଥିବା ସଚେତନତା ରଥକୁ ମଧ୍ୟ ଶୋଭାଯାତ୍ରାରେ ଗତ ୧୨ ଜୁନ୍‌ରେ ଉଦ୍‌ଘାଟିତ ଓ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାର ୧୭ତମ କିସ୍ତିରେ ମୟୂରଭଞ୍ଜ ଜିଲ୍ଲାର ୨,୧୩,୪୫୭ ଚାଷୀ ହେଲେ ଉପକୃତ

ବାରିପଦା, ୨୦/୬ (ନି.ପ୍ର): ଦେଶର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗଲା ପିଏମ୍ କିଷାନ ଟଙ୍କା। ବାରାଣସୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ସପ୍ତଦଶ କିସ୍ତି ଅର୍ଥ ପ୍ରଦାନ କରିଛନ୍ତି। ୧୭ତମ କିସ୍ତିରେ ଦେଶର ୯ କୋଟି ୨୬ ଲକ୍ଷ ଚାଷୀଙ୍କ ଖାତାକୁ ପ୍ରତି ବର୍ଷ ପିଛା ୬ ହଜାର ଟଙ୍କା ଲେଖାଏଁ ହିସାବରେ ପ୍ରାୟ ୨୦ ହଜାର କୋଟି ଟଙ୍କା ଡାଇରେକ୍ଟ ବ୍ୟାଙ୍କ ଟ୍ରାନସ୍ଫର ହୋଇଛି ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ଦୁଇ ଲକ୍ଷ ତେର ହଜାର ଚାଷୀ ମାନେ ଏହା ମାଧ୍ୟମରେ ଉପକୃତ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ, ସ୍ଥାନୀୟ ପ୍ରୟାସ ହଲ ଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ, ସରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ଜିଲ୍ଲାପରିଷଦ ସଭାପତି, ଶ୍ରୀମତୀ ଭାରତୀ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ କୁମାର ବେହୁରା , ବରିଷ୍ଠ କୃଷି ବିଜ୍ଞାନୀ, ଡଃ ସଂଘମିତ୍ରା ପଟନାୟକ ଉପସ୍ଥିତ ଚାଷୀ ଭାଇ ଭଉଣୀ ଓ କୃଷି ସଖି ମାନଙ୍କ ସହ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡି ହୋଇଥିଲେ ।

## ଶାରଦାରେ ଛଉନୃତ୍ୟ ଉତ୍ସବ ଅନୁଷ୍ଠିତ



ବେତନଟୀ, ୨୦/୬ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ଚାଞ୍ଚିପଦା ଗ୍ରାମପଞ୍ଚାୟତର ଶାରଦା ଠାରେ ଶାରଦା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ଛଉନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଛଉନୃତ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡିଶା ଲାଇଭ ଓ ଜୟ ଗୋରାମ ଟିଭିର ଡାଇରେକ୍ଟର କବି ମନୋଜ କୁମାର ମହାନ୍ତ, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ, ବେତନଟୀ ବ୍ଲକ କଳାକାର ସଂଘର ଉପସଭାପତି ଡମ୍ବରୁଧର ମହାନ୍ତ, ସମାଜସେବୀ ମୀନକେତନ ବେହେରା, ଚାଞ୍ଚିପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ମହାଦେବ ସିଂ, ରାଘପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଠୁଣୁ ମାଝୀ ଓ ଶିକ୍ଷକ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ଏହି ଛଉନୃତ୍ୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ଛଉ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଛଉନୃତ୍ୟ କଳାକୁ ଦୀର୍ଘ ବର୍ଷ ଧରି ବଞ୍ଚାଇ ରଖିଥିବାରୁ ପ୍ରତିଷ୍ଠାନର ସଭାପତି ମହେନ୍ଦ୍ର ମହାନ୍ତ, ସମ୍ପାଦକ ତପନ କୁମାର ମହାନ୍ତ, ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ମହାନ୍ତ ଓ ସଦସ୍ୟ ମାନଙ୍କୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ । ଏହି ଛଉନୃତ୍ୟ କାର୍ଯ୍ୟକ୍ରମରେ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ଶାରଦା ଓ ଶିବଶକ୍ତି ଛଉନୃତ୍ୟ ପ୍ରତିଷ୍ଠାନ ଶାରଦାର ଛଉ କଳାକାର ମାନେ ଛଉନୃତ୍ୟ ପରିବେଷଣ କରିଥିଲେ। ମାୟା ସବରୀ, ଅର୍ପଣ, ଧ୍ୱଜା, କେଉଟ କେଉଟୁଣୀ,ବସନ୍ତ ବିହାର, ବାଲକୃଷ୍ଣ, ଗୁରୁଶିଷ୍ୟ, ପଞ୍ଚସଖା, ଗରୁଡ ବାହନ, ଚାଷୀ ଭାଇ, କାଳିଆ ଦୋଳଣ, ଡାମଲିଆ କୃଷ୍ଣ, ବଇଁଶୀ ଚୋରି, ଚାଷୀ ମୂଲିଆ ପ୍ରଭୃତି ବିଷୟ ବସ୍ତୁ ଉପରେ ଆଧାରିତ ବିଭିନ୍ନ ଛଉନୃତ୍ୟ ପରିବେଷଣ କରିଥିଲେ । ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ମହାନ୍ତଙ୍କ ଉଦ୍ୟମରେ ୧୯୮୨ ମସିହାରେ ଏହି ଛଉନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନ ଶାରଦାର ସଭାପତି ମହେନ୍ଦ୍ର ମହାନ୍ତ , ସମ୍ପାଦକ ତପନ କୁମାର ମହାନ୍ତ, ସଦସ୍ୟ ପ୍ରଫୁଲ୍ଲ ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ମଣ୍ଟୁ ପାତ୍ର,ଯୁଧିଷ୍ଠିର ମହାନ୍ତ, ଲକ୍ଷ୍ମଣ ମହାନ୍ତ,ସଞ୍ଜୀବ ମହାନ୍ତ, ପପୁ ମହାନ୍ତ, ରମାକାନ୍ତ ମହାନ୍ତ, ବିଜୟ କୁମାର ମହାନ୍ତ, ପଦ୍ମଲୋଚନ ମହାନ୍ତ, ଦୁଲାଲ ମହାନ୍ତ, ଅଭିମନ୍ୟୁ ମହାନ୍ତ, ସିତୁ ମହାନ୍ତ, ଶଙ୍କର୍ଷଣ ସିଂ, ବାଇଧର ମହାନ୍ତ, ବସନ୍ତ ମହାନ୍ତ, ହେମନ୍ତ ମହାନ୍ତ, ମୁରଲୀ ମହାନ୍ତ ଓ ଯୋଗେଶ୍ୱର ମହାନ୍ତ ପ୍ରମୁଖ ଛଉନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବାଲେଶ୍ୱର ସହରରେ ଯଥାଶୀଘ୍ର ଶାନ୍ତି ପ୍ରତିଷ୍ଠା ପାଇଁ ସି. ଆଇ. ଟି.ୟୁର ନିବେଦନ

ନୀଳଗିରି , ୨୦/୬ (ନି.ପ୍ର): ବାଲେଶ୍ୱର ଏକ ଶାନ୍ତିପ୍ରିୟ ସହର। ଇଦ୍ ଉତ୍ସବରେ କୌଣସି ଏକ ଘଟଣାକୁ ନେଇ ଅଶାନ୍ତି ପରିବେଶ ସୃଷ୍ଟି ହେବା ଫଳରେ ପ୍ରଶାସନ ତରଫରୁ କର୍ଫ୍ୟୁ କରାଯାଇଛି ଫଳରେ ସବୁ ସ୍ତରର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକି ବାଲେଶ୍ୱର ଜିଲ୍ଲା ପାଇଁ ନିନ୍ଦନୀୟ ଘଟଣା। ଉକ୍ତ ଘଟଣାକୁ ସି.ଆଇ. ଟି.ୟୁ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ନିନ୍ଦା ପ୍ରକାଶ କରାଯାଇଛି। ବାଲେଶ୍ୱରରେ ଯଥାଶୀଘ୍ର ଶାନ୍ତି ପ୍ରତିଷ୍ଠା ପାଇଁ କମିଟି ତରଫରୁ ଜିଲ୍ଲା ପ୍ରଶାସନକୁ ନିବେଦନ କରାଯାଇଛି। ତତ୍ ସହିତ ବାଲେଶ୍ୱର ସହରବାସୀ ଉକ୍ତ ଘଟଣାକୁ ଆଗକୁ ନବଢ଼ାଇ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ପାଇଁ ନିବେଦନ କରାଯାଇଛି। ଯେତେଶୀଘ୍ର କର୍ଫ୍ୟୁ ଉଠିବ ସେତେଶିଘ୍ର ବାଲେଶ୍ୱର ସହରରେ ଶାନ୍ତି ପ୍ରତିଷ୍ଠା ହେବ। ଜିଲ୍ଲାପାଳ ଶାନ୍ତି ପ୍ରତିଷ୍ଠା ପାଇଁ ସର୍ବଦଳୀୟ ବୈଠକ ଡାକି ସମାଧାନର ପନ୍ଥା ବାହାର ପାଇଁ ସି. ଆଇ. ଟି. ୟୁ ଜିଲ୍ଲା ଆବାହକ ବିଜୟ ପାତ୍ର ପ୍ରସ୍ତାବ ଦେଇଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ବିକାଶ ପରିଷଦର ବୈଠକ



ନୀଳଗିର, ୨୦/୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନର ସମ୍ମିଳନୀକକ୍ଷରେ ମହାବିଦ୍ୟାଳୟ ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ଏହି ବୈଠକରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ସ୍ଥିତ ବିଭିନ୍ନ ମହାବିଦ୍ୟାଳୟର ପ୍ରିନସିପାଲ ମାନେ ଯୋଗ ଦେଇଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟଙ୍କ ସହ ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା, ଅନୁବନ୍ଧନ ସଂପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ପରୀକ୍ଷା ସମ୍ବନ୍ଧୀତ ପ୍ରଣାଳୀ ଆଦି ମହତ୍ତ୍ୱପୂର୍ଣ୍ଣ ବିଷୟମାନ ଆଲୋଚନା କରାଯାଇଥିଲା। ଏଥିସହ ମହାବିଦ୍ୟାଳୟ ବିକାଶ ପରିଷଦର ଭୂମିକା ନିର୍ବାହ ନେଇ ସୂଚୀତ କରାଯାଇଥିଲା । ଏହି ବିକାଶ ପରିଷଦ ପଦୋନ୍ନତି, ସମନ୍ୱୟ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରକାଶ କରାଯାଇଛି। ମହାବିଦ୍ୟାଳୟ ଗୁଡ଼ିକର ସଠିକ୍ ଯୋଜନା ଏବଂ ସମନ୍ୱିତ ବିକାଶ ସମ୍ବନ୍ଧରେ ଏକ ନୀତି ପ୍ରସ୍ତୁତକାରୀ ସଂସ୍ଥା ଭାବରେ କାର୍ଯ୍ୟ କରିବ ତଥା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରତ୍ୟେକ କଲେଜର ଏକ ଅପ-ଟୁ-ଡେଟ୍ ପ୍ରୋଫାଇଲ୍ ରଖିବା ପାଇଁ, ସମସ୍ତ ଅନୁବନ୍ଧିତ କଲେଜ ଗୁଡ଼ିକର ସର୍ଭେ କରିବ। ଏଥିସହ ଏହି ବିକାଶ ପରିଷଦ କଲେଜଗୁଡ଼ିକର ଅନୁବନ୍ଧନ ଉପରେ ବିଶ୍ୱବିଦ୍ୟାଳୟ ନୀତିନିୟମ ଉପରେ ଯୁକ୍ତିଯୁକ୍ତ ବ୍ୟବସ୍ଥା ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ପ୍ରଦାନ କରିବ। କଲେଜଗୁଡ଼ିକୁ ସେମାନଙ୍କର ସଠିକ୍ ବିକାଶ, ଶିକ୍ଷକ ଚୟନ, ଅନୁଦାନର ଉପଯୋଗ, ପରୀକ୍ଷା, ପାଠ୍ୟକ୍ରମ ଇତ୍ୟାଦିରେ ୟୁ.ଜି.ସି ର ନିର୍ଦ୍ଦେଶାବଳୀକୁ ଦକ୍ଷତାର ସହ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବା ଆଦି ଦାୟିତ୍ୱ ନିର୍ବାହ କରିବ। ଏଥିସହିତ ଉପସ୍ଥିତ ସମସ୍ତ ମହାବିଦ୍ୟାଳୟ ଗୁଡ଼ିକର ବିଭିନ୍ନ ସମସ୍ୟା ଓ ସମାଧାନ ସଂପର୍କରେ ଆଲୋକପାତ କରାଯାଇଥିଲା। ମହାବିଦ୍ୟାଳୟ ବିକାଶ ପରିଷଦ ଆଗାମୀ ଶିକ୍ଷାବର୍ଷ ନିମନ୍ତେ ସଂପୃକ୍ତ ସମସ୍ତ ପ୍ରସ୍ତୁତ କରାଯିବାର ସମ୍ଭାବନା ନେଇ ଆଶାବ୍ୟକ୍ତ କରିଛି । କାର୍ଯ୍ୟକ୍ରମଟିକୁ ଉପେନ୍ଦ୍ର ପ୍ରସାଦ ଜେନା ସଂଚାଳନା କରିଥିଲେ।

## ହାଇଫର ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସମୀକ୍ଷା ବୈଠକ



ଉଦଳା , ୨୦/୬ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ତରଫରୁ ଚଳିତ ଜୁନ ୧୯ ତାରିଖ ବୁଧବାର ଦିନ ବୃନ୍ଦାଗଡ଼ି ସ୍ଥିତ କାର୍ଯ୍ୟାଳୟ ପରିସରରେ ହାଇଫର ସହଯୋଗ ଚାଲିଥିବା ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ 'ଶୋଭା'ର ସଂପାଦକ ରଂଜନ କୁମାର ମିଶ୍ର ବୈଠକରେ ଯୋଗ ଦେଇଥିବା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହିତ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ହାଇଫର ସହଯୋଗରେ ଚାଲିଥିବା ପ୍ରକଳ୍ପକୁ ଲୋକାଭିମୁଖି କରାଇବାରେ ସ୍ୱେଚ୍ଛାସେବି ମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଏହାପରେ ବୈଠକରେ ଯୋଗ ଦେଇଥିବା ପ୍ରାଣିଚିକିତ୍ସା ବିଭାଗର ପ୍ରତିନିଧି, କୃଷିବିଭାଗର ପ୍ରତିନିଧି, ଉଦ୍ୟାନ ବିଭାଗର ପ୍ରତିନିଧି, ବିଭିନ୍ନ ପଂଚାୟତର ସରପଂଚ ଏବଂ ୱାର୍ଡ଼ ସଦସ୍ୟ ମାନେ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ନିଜ ନିଜ ବିଭାଗର ଉଦ୍ୟମ କିପରି ଥିଲା ଜଣ ଜଣ କରି ବିସ୍ତୃତ ବ୍ୟକ୍ତ କରିଥିଲେ । ଏହାପରେ ପ୍ରକଳ୍ପ ପରିଚାଳକ ଅରବିନ୍ଦ ବିନ୍ଧାଣି ଛେଳି ଓ କୁକୁଡ଼ା ଚାଷ ପାଇଁ ଚାଷି ମାନଙ୍କୁ ଯୋଗାଇ ଦିଆଯାଇଥିବା ସହଯୋଗ ଓ ଏଥିରୁ ଚାଷୀ ମାନେ ବର୍ଷକ ମଧ୍ୟରେ ପାଇଥିବା ଲାଭ ସମ୍ପର୍କରେ ଅବଗତ କରାଇଥିଲେ । ଏ କ୍ଷେତ୍ରରେ ବିଶେଷ କରି ବ୍ୟବସାୟ କରିବା ପାଇଁ 'ମା' ଦୁର୍ଗା ଦେବି ପ୍ରଡ଼୍ୟୁସର କମ୍ପାନି' ର ସହଯୋଗ କୁ କେବେ ଭୁଲି ହେବ ନାହିଁ ବୋଲି କହିଥିଲେ । ଶେଷରେ ଆଗାମି ଦିନର ପ୍ରକଳ୍ପର କାର୍ଯ୍ୟକାରିତା ନେଇ ରୂପରେଖ କିପରି ରହିବ ସେ ସମ୍ପର୍କରେ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ମାନ ଗୃହିତ ହୋଇଥିଲା ।

## ମନୋଜ ହତ୍ୟାକାଣ୍ଡ ଘଟଣା: ୨୪ଘଂଟା ପରେ ବି ପୁଲିସ ହାତ ଖାଲି

ଖୋର୍ଦ୍ଧା, ୨୦/୬ (ନି.ପ୍ର): ନିଶା ବେପାରକୁ କେନ୍ଦ୍ର କରି ଆଦର୍ଶ ଥାନା ସାମନ୍ତରାପୁର ଅଂଚଳ ରେ ମଙ୍ଗଳବାର ହୋଇଥିବା ହତ୍ୟାକାଣ୍ଡକୁ ୨୪ଘଂଟା ପୁରିଥିଲେ ବି ପୁଲିସ ହାତ ଖାଲି । ଏଯାବତ ପୁଲିସ ହତ୍ୟାକାରୀ ନିକଟରେ ପହଁଚି ପାରିନଥିବାବେଳେ ୩ଜଣଙ୍କୁ ଅଟକ ରଖି ଅନ୍ଧାରରେ ବାଡି ବୁଲାଇବା ସଦୃଶ ତଦନ୍ତ ଜାରୀ ରଖିଛି । ଆଦର୍ଶ ଥାନା ପୁଲିସ ଦୁଇଟି ଟିମ କରି ଖୋର୍ଦ୍ଧା ଓ ବାହାରେ ଚଢଉ ଜାରୀ ରଖିଥିବା କହୁଥିବାବେଳେ ମୁଖ୍ୟ ଅଭିଯୁକ୍ତ ପୁଲିସ କୁ ଚଖମା ଦେବାରେ ସଫଳ ହୋଇଥିବା କୁହାଯାଉଛି । ସୂଚନା ଯୋଗ୍ୟ, ନିଶା କାରବାର କୁ ନେଇ ଖୋର୍ଦ୍ଧା ସାମନ୍ତରାପୁର ଠାରେ କିଛି ନିଶା ବେପାରୀ ସେହି ଅଂଚଳ ର ମନୋଜ ସେଠି ଓରଫ ଗୁଲୁ(୨୪)କୁ ପିଟି ପିଟି ଅତି ନିର୍ମମଭାବେ ହତ୍ୟା କରିଥିଲେ । ଏପରିକି ତାର ମୁହଁ ଓ ଛାତିକୁ ଗୁରୁତର ଆଘାତ କରିଥିବାବେଳେ ତାର ନଖ କୁ ପ୍ଲାସ ରେ ଉପାଡି ଦେବା ସହ ଘୋଷରା ଘୋଷାରି କରି ମାରିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ କିଛି ଯୁବକ ଆଣି ଖୋର୍ଦ୍ଧା ମେଡିକାଲ ରେ ଫୋପାଡି ଚାଲିଯାଇଥିଲେ । ଖବର ପାଇ ପରିବାର ଲୋକେ ପହଁଚିବା ବେଳକୁ ମନୋଜକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପୁଲିସ ମୃତକଙ୍କ ମାଆ ସୁକାନ୍ତି ସେଠୀଙ୍କ ଅଭିଯୋଗ ଉପରେ ୩୦୨,୩୪ଆଇପିସି ରେ ୨୨୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିବା କହୁଛି । କିନ୍ତୁ ବାସ୍ତବରେ ପୁଲିସ ତଦନ୍ତ କରୁଛି ନାଁ ଅପରାଧିକୁ ଖସିଯିବାରେ ସହଯୋଗ କରୁଛି ତାହା ଏବେ ଚର୍ଚ୍ଚା ର ବିଷୟ ପାଲଟିଛି । ଅନ୍ୟପକ୍ଷରେ ଖୋର୍ଦ୍ଧାରେ ନିଶା ବେପାର କିଛି ନୂଆ କଥା ନୁହେଁ । ଏହି ସାମନ୍ତରାପୁର ଅଂଚଳରୁ ବିଗତ ଦିନରେ ମାଳ ମାଳ ନିଶା ବେପାରୀ ଗିରଫ ହୋଇଥିବାବେଳେ ଏହା ଏବେ ନିଶାବେପାରୀଙ୍କ ହବ ପାଲଟିଛି । ଗତବର୍ଷ ଜୁନ ୭ତାରିଖ ରାତିରେ ନିଶା କାରବାରକୁ କେନ୍ଦ୍ର କରି ସୋମନାଥ ଭୁଜବଳ କୁ ନିଶାମାଫିଆମାନେ ଛକ ରେ ଠିଆ ହୋଇଥବବା ସମୟରେ ଆଖିବୁଜା ଗୁଳିମାଡ କରିଥିଲେ । ଏଥିରେ ସେ ମେଡିକାଲ ରେ ଚିକିତ୍ସାଧିନ ରହି ଦୁଇଦିନ ପରେ ମୃତ୍ୟୁବରଣ କରିଥିଲେ । ଏହା ଲୋକଙ୍କ ମନରୁ ଲିଭିନଥିବାବେଳେ ପୁଣି ଏକ ହତ୍ୟାକାଣ୍ଡ ଏ ଅଂଚଳରେ ନିଶାମାଫିଆଙ୍କ ପାଦୃଭାବ କୁ ସ୍ପଷ୍ଟ କରୁଛି ।

## କିଓର-ବେ ଇ କ୍ଲିନିକର ବାର୍ଷିକ ପୂର୍ତ୍ତି ଅବସରରେ ନୀଳଗିରି ଶାଖା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ




ନୀଳଗିରି, ୨୦/୬ (ନି.ପ୍ର): ନୀଳଗିରି ପୋଡାଶୁଳ ସ୍ଥିତ କିଓର-ବେ ଇ କ୍ଲିନିକ ନୀଳଗିରି ଶାଖା ପକ୍ଷରୁ ବାଉଁଶନାଳ ସ୍ଥିତ କାର୍ଯ୍ୟାଳୟରେ ଏକ ବର୍ଷପୂର୍ତ୍ତି ଉପଲକ୍ଷେ ଆଜି ଏକ ରକ୍ତଦାନ ଶିବିର ଅମୃତଧାରା ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଶିବିରକୁ ଡାକ୍ତର ସରୋଜ କୁମାର ମହାପାତ୍ର ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ଇଂ ତୁଷାର ରଞ୍ଜନ ଶତପଥୀ, ସମାଜସେବୀ ସତ୍ୟଜିତ ଦାସ, ଶ୍ରୀଧର ମହାନ୍ତି, ଅବିନାଶ ନାୟକ, ରାଜେଶ ବାରିକ, ସରୁପ ଦାସ, ବନଲତା ବେହେରା, ସଚ୍ଚିଦାନନ୍ଦ ସ୍ୱାଇଁ, ରାଜେଶ କୁମାର ବାରିକ, ଅଭିଜିତ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକପୂର୍ତ୍ତି ଉପଲକ୍ଷେ ପ୍ରଥମେ କେକ କଟାଯାଇଥିବା ବେଳେ ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଯେଉଁଥିରେ ମୋଟ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇ ବାଲେଶ୍ୱର ରକ୍ତଭଣ୍ଡାରକୁପଠାଯାଇଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ଲକ୍ଷ୍ମୀ, ଟେକ୍ନିସିଆନ ଦେବାଶିଷ ଦତ୍ତ, ଜ୍ୟୋସ୍ନାରାଣୀ ସ୍ୱାଇଁ,ବିନୋଦ ବିହାରୀ ଦାସ, ବୁଦ୍ଧଦେବ ସାହୁ, ଉତ୍କଳ ସାହୁ, ରତିକାନ୍ତ ବେହେରା ପ୍ରମୁଖ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଇଥିଲା।

## ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର

ଲଙ୍ଗଳେଶ୍ୱର , ୨୦/୬ (ନି.ପ୍ର): ବାଲିଆପାଳ ଅଞ୍ଚଳରେ ଆଜି ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲ୍ପର। ତେବେ ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ମାନ୍ଧାତା ବଜାର ଛକଠାରୁ ପଞ୍ଚୁପାଳି ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ମହାବଳା ପୋଲ ଉପରେ ଦଶଚକିଆ ପାଉଁଶ ବୋଝେଇ ଟ୍ରକ ପୋଲର ବାଡ ଉପରେ ପିଟିଥିଲା। କିନ୍ତୁ ସୌଭାଗ୍ୟ ବଶତଃ ଦଶଚକିଆ ଯାନଟି ପୋଲତଳକୁ ଖସି ନଥିଲା।ଫଳରେ ଧନଜୀବନ ହାନି ହୋଇ ନଥିବା ବେଳେ ଲୋକଙ୍କ ଭିତରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ତେବେ ଦୁର୍ବଳ ପୋଲ ଉପରଦେଇ ଭାରି ଯାନ ଯିବାର ଅନୁମତି ନଥିବାବେଳେ ବାରମ୍ବାର ପୋଲ ଉପରେ ବଡବଡ ଭାରି ଯାନ ମାଡ ହେଉଥିବାର ଦେଖିବାକୁ ମିଳେ। ତେବେ ସ୍ଥାନୀୟ ପ୍ରଶାସନ ନିଦାବିଷ୍ଟ ସାଜିଥିବା ବେଳେ ଦୁର୍ବଳ ପୋଲ ଉପରଦେଇ ଭାରି ଯାନ ନଯିବାକୁ ପ୍ରଶାସନକୁ ନିବେଦନ କରିଛନ୍ତି ସ୍ଥାନୀୟ ବାସିନ୍ଦା । ତେବେ ଟ୍ରକ୍ର ନମ୍ବର ହେଉଛି ଓ ଆର ୦୧ଏ ଏଫ ୯୯୯୫ ଥିବାବେଳେ କମର୍ଦ୍ଦା ଗ୍ରାମର କାର୍ତିକେଶ୍ୱର ପ୍ରଧାନ ଓରଫ୍ ବୁଲୁ ପ୍ରଧାନଙ୍କ ଗାଡିବୋଲି ଜଣାଯାଇଛି। ତେବେ ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ଥିବାରୁ ଏମିତି ଅଘଟଣ ଘଟିଥିବା ଆଲୋଚନା ହେଉଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo